ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 SEPTEMBER 2020

Vol.No. 30 ■ No. 237 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,

ସିସୋର୍ ଚିଟଫଣ୍ଡ ଠକେଇ ମାମଲା

ଦେବୀ, ରବି ନାରାୟଣ ନନ୍ଦଙ୍କ ଘର ସହ ୮ଟି ସ୍ଥାନରେ ସିବିଆଇର ରେଡ

ଭୁବନେଶ୍ୱର,୧୮।୯ (ନି.ପ୍ର): ଚିଟଫଣ୍ଡ ଦୁର୍ନୀତି ମାମଲାରେ ପୁଣି ସକ୍ରିୟ ହୋଇଛି ସିବିଆଇ । ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ସିବିଆଇ ଶୁକ୍ରବାର ଦିନ ୮ଟି ସ୍ଥାନରେ ଚଢ଼ାଉ କରିଛି । ଶୁକ୍ରବାର ସକାଳେ ସିବିଆଇ ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ତଥା ବର୍ତମାନର ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢାଉ କରିଥିଲା । ପରେ ତତ୍କାଳୀନ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ରବି ନନ୍ଦଙ୍କ ଘରେ ଏବଂ ସିସୋର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଘର ଓ ସଂସ୍ଥା ଉପରେ ଚଢ଼ାଉ ହୋଇଥିବା ଜଣାପଡ଼ିଛି । ସ୍ୱାଗତିକା ଇନଫ୍ରା ଲିଃ ପରଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ପଟ୍ଟନାୟକ ଓ ଏଭେନ୍ୟୁ ଆସୋସିଏଟ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ବିଷ୍ଣୁ ମିଶ୍ରଙ୍କ ଘରେ ରେଡ୍ ହୋଇଛି । ଉଲ୍ଲେଖ୍ୟଯୋଗ୍ୟ କଟକ ମହାନଦୀ ଏବଂ ଅଟ୍ରିରେ ସି-ସୋରକୁ ବୋଟିଂ ପାର୍କ ଠିକା ଦେବା ନେଇ ଖୋଳତାଡ ଆରମ୍ଭ କରିଛି କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ । ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କୁ ଏ ନେଇ ପଚରାଉଚରା କରାଯାଇଛି ।

କରୋନା ପରିଚାଳନାରେ ବିଏମସିର ଦାୟିତ୍ୱହୀନତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

ସମୀକ୍ଷା ପାଇଁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ

ଭୁବନେଶ୍ୱର ,୧୮।୯ (ନି.ପ୍ର): ବିଏମସି ଭୁବନେଶ୍ୱର ବାସିନ୍ଦାଙ୍କ ପ୍ରତି ଉଦାସୀନ ଓ ଦାୟିତ୍ୱହୀନ ଆଚରଣ ଦେଖାଉଛି । ମହାମାରୀ ସମୟରେ ରାଜନୀତି କରିବାର ସମୟ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀ ସ୍ଥିତିର ସମୀକ୍ଷାପାଇଁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ସେ ଅଭିଯୋଗ କରିଛନ୍ତି ଯେ ବିଏମସି ଅଧିକାରୀମାନଙ୍କ ପାଖକୁ ଲୋକେ ଦରକାର ବେଳେ ପହଂଚି ପାରୁନାହାନ୍ତି । ବିଏମସି ବହୁ ବିଳମ୍ବରେ ୧୯୨୯ ସହାୟତା ନମ୍ବର ଜାରି କରିଥିଲେ ମଧ୍ୟ ଏହି ନମ୍ବରକୁ ଫୋନ ▶▶ପୃଷ୍ଠା ୭

ଉପନିର୍ବାଚନ ପାଇଁ ସିବିଆଇ ଡ୍ରାମା : ସୁର ରାଉତରାୟ

ଭୁବନେଶ୍ୱର ,୧୮।୯ (ନି.ପ୍ର): ଆଗକୁ ଉପନିର୍ବାଚନ ଥିବାରୁ ସିବିଆଇ ରେଡ୍ ର ଡ୍ରାମା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ । ଉଭୟ ଆସନରେ କଂଗ୍ରେସ - ବିଜେଡି ଫାଇଟ୍ ହେବ । ତେଣୁ ବିଜେଡିକୁ ବଦନାମ କରିବା ପାଇଁ ଏହି ଚଢା କରାଯାଇଥିଲା ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ୨୦୧୪ରେ ସିସୋର ଚିଟଫଣ୍ଡ ଘଟଣା ସାମ୍ନାକୁ ଆସିଥିବା ବେଳେ ସିବିଆଇ ଏତେ ବର୍ଷ କୋଉଠି ଥିଲା ? ଚିଟଫଣ୍ଡରେ ଲକ୍ଷଲକ୍ଷ ଲୋକ ସର୍ବସ୍ୱାନ୍ତ ହେଲେ । ତଦନ୍ତ କରୁଥିବା କମିଟିର ଅଧ୍ୟକ୍ଷଙ୍କର ମଧ୍ୟ ଦେଖାନାହିଁ । ଗରିବ ଲୋକଙ୍କୁ ଦେବା ପାଇଁ ନବୀନ ବାବୁ ଦେଇଥିବା ୩୦୦ କୋଟି ଟଙ୍କା କୁଆଡେ ଗଲା ? ବୋଲି ସେ ପ୍ରଶ୍ନ କରିଛନ୍ତି । ଦେବୀ ମିଶ୍ର ଜଣେ ଭଦ୍ର , ଉଚ୍ଚଶିକ୍ଷିତ ଲୋକ । ତାଙ୍କୁ ଅପଦସ୍ତ କଲ । କିନ୍ତୁ ନବୀନ ବାବୁ କେନ୍ଦ୍ରର ବିଜେପି ସରକାରଙ୍କୁ ସମର୍ଥନ କରୁଛନ୍ତି ।

ପ୍ରକାଶ ପାଇଲା ଯୁକ୍ତ ୨ ପ୍ରଥମ କଟ୍ ଅଫ୍ ମାର୍କ : କଳା, ବାଣିଜ୍ୟ ଓ ବିଜ୍ଞାନରେ ଆଗରେ ରେଭେନ୍ସା

ଭୁବନେଶ୍ୱର ,୧୮।୯ (ନି.ପ୍ର): ଯୁକ୍ତ ଦୁଇ ନାମଲେଖା ପାଇଁ ଶୁକବ୍ରାର ଦିନ ପ୍ରଥମ କଟ୍ ଅଫ୍ ମାର୍କ ତାଲିକା ପ୍ରକାଶ ପାଇଛି । ଏହି ତାଲିକାରେ ରେଭେନ୍ସା ଜୁନିଅର କଲେଜ କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଗରେ ରହିଛି । ରେଭେନ୍ସାରେ କଳାରେ କଟ୍ ଅଫ୍ ମାର୍କ୭୨.୫ପ୍ରତିଶତ ରହିଛି । ଠିକ୍ ସେହିପରି ବିଜ୍ଞାନରେ ରେଭେନ୍ସା ଜୁନିଅର କଲେଜରେ କଟ୍ ଅଫ୍ ମାର୍କ ୮୯% ଓ ବାଣିଜ୍ୟରେ ୭୫.୮୩% ରହିଛି । ଅପରପକ୍ଷରେ ବିଜ୍ଞାନରେ ଦ୍ୱିତୀୟ ସ୍ଥାନରେ ବିଜେବି ହାୟର୍ ସେକେଣ୍ଡାରି ସ୍କୁଲରେ କଟ୍ ଅଫ୍ ମାର୍କ ୮୮.୬% ରହିଛି । ବିଜ୍ଞାନରେ ତୃତୀୟ ସ୍ଥାନରେ ବ୍ରହ୍ମପୁର ନୀଳକଣ୍ଠନଗରର ସରସ୍ୱତୀ ବିଦ୍ୟାମନ୍ଦିର କଟ୍ ଅଫ୍ ମାର୍କ ରହିଛି ୮୬.୬୭% ରହିଛି । କଳାରେ ରେଭେନ୍ସା ଜୁନିଅର କଲେଜ ତଳକୁ ଦ୍ୱିତୀୟ ସ୍ଥାନରେ ବିଜେବି ହାୟର୍ ସେକେଣ୍ଡାରି ସ୍କୁଲରେ କଟ୍ ଅଫ୍ ମାର୍କ ରହିଛି ୭୧.୮୩ % । ଅପରପକ୍ଷରେ ତୃତୀୟ ସ୍ଥାନରେ ରାଉରକେଲାର ହାୟର୍ ସେକେଣ୍ଡାରି ସ୍କୁଲରେ କଟ୍ ଅଫ୍ ମାର୍କ ରହିଛି ୬୭,୮୩% ରହିଛି । ବାଣିଜ୍ୟରେ ରେଭେନ୍ସା ଜୁନିଅର କଲେଜ ପରେ ଦ୍ୱିତୀୟ ସ୍ଥାନରେ ରାଉରକେଲାର ହାୟର୍ ସେକେଣ୍ଡାରି ସ୍କୁଲରେ କଟ୍ ଅଫ୍ ମାର୍କ ରହିଛି ୭୫.୫% ରହିଛି । ତୃତୀୟ ସ୍ଥାନରେ ଥିବା ବିଜେବି ହାୟର୍ ସେକେଣ୍ଡାରି ସ୍କୁଲରେ କଟ୍ ଅଫ୍ ମାର୍କ ରହିଛି ୭୪ % ।

୨୦ରେ ଆଉ ଏକ ଲଘୁଚାପ : ୫ ଦିନ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର ,୧୮।୯ (ନି.ପ୍ର): ଆସନ୍ତା ୨୦ ତାରିଖ ସୁଦ୍ଧା ଉତରପୂର୍ବ ବଙ୍ଗୋପସାଗର ଓ ଏହାର ନିକଟବର୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ ଆସନ୍ତା ୫ ଦିନ ଅର୍ଥାତ୍ ସେପ୍ଟେମ୍ବର୨୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ୨୧ ଓ ୨୨ ତାରିଖ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷିବ । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୪ ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ ସୁନ୍ଦରଗଡ ଓ କେନ୍ଦୁଝର । ଏହିସବୁ ଜିଲ୍ଲାଗୁଡିକୁ ପାଣଇପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ସେହିପରି ୨୦ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି । ୨୧ ତାରିଖରେ ରାଜ୍ୟର ମାଲକାନଗିରି,କୋରାପୁଟ, ନବରଙ୍ଗପୁର, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏହାକୁ ଦୃଷ୍ଟିରେ ରଖି ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଜଗତସିଂହପୁର, ପୁରୀ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କଟକ, ଦେବଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଏହାକୁ ଦୃଷ୍ଟିରେ ରଖି ଏସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୨ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଗଞ୍ଜାମ, ବରଗଡ଼, ଅନୁଗୁଳ, ବଲାଙ୍ଗୀର, କଳାହାଣ୍ଡ,ସୋନପୁର, ଦେବଗଡ଼ ଓସମ୍ବଲପୁର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ▶▶ପୃଷ୍ଠା ୭

ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୦୬,୬୧୫ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୧୮।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୦୬,୬୧୫ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୬,୧୫,୭୨,୩୪୩ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

ଅକ୍ଟୋବର୍ ୧୨ ରୁ ୧୯ ଓଜେଇଇ

ଭୁବନେଶ୍ୱର ,୧୮।୯ (ନି.ପ୍ର): ଆସନ୍ତା ଅକ୍ଟୋବର ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ହେବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି ।

ଓଜେଇଇ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମୋଡରେ ହେବ । ପ୍ରତ୍ୟେକ ଦିନ ପରୀକ୍ଷା ତିନୋଟି ସିଫ୍ଟରେ କରାଯିବ । ଛାତ୍ରଛାତ୍ରୀମାନେ ପରୀକ୍ଷାର କେଉଁ ସିଫ୍ଟରେ କ'ଣ ଅଛି ତାର ସଂପୂର୍ଣ୍ଣ ସୂଚନା ସହିତ ରୋଲ୍ ନମ୍ବର, ସିଫ୍ଟ ଏବଂ ପରୀକ୍ଷା କେନ୍ଦ୍ର, ଆଡମିଟ୍ କାର୍ଡ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଜେଇଇ ଡଟ୍ ଏନଆଇସି ଡଟ୍ ଇନ୍ / ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଡିଶାଜେଇଇ ଡଟ୍ କମ୍ ୱେବସାଇଟରୁ ସେପ୍ଟେମ୍ବର ଶେଷ ସୁଦ୍ଧା ଡାଉନଲୋଡ କରି ପାରିବେ । ଏଥର ଓଜେଇଇ ପରୀକ୍ଷା ମୋଟ ୫୩ଟି ସେଂଟରରେ ଅନୁଷ୍ଠିତ ହେବ । ଏ ମଧ୍ୟରୁ ରାଜ୍ୟ ର ୨୧ଟି ସହରରେ ୫୦ଟି କେନ୍ଦ୍ରରେ ପରୀକ୍ଷା ହେବ ଏବଂ ରାଜ୍ୟ ବାହାରେ ଯଥା ରାଂଚି, କୋଲକାତା ଓ ପାଟନାରେ ଓଜେଇଇ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ସୂଚନା ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଏହି ପରୀକ୍ଷା ଚଳିତ ବର୍ଷ ମଇ ମାସର ପ୍ରଥମ ସପ୍ତାହରେ ହେବାର ଥିଲା । କିନ୍ତୁ କୋଭିଡ – ୧୯ ମହାମାରୀ ପାଇଁ ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଜେଇଇ ପରୀକ୍ଷାକୁ ସ୍ଥଗିତ ରଖା ଯାଇଥିଲା ।

ରାଜ୍ୟରେ ଆଉ ୧୩ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୮୨ହେଲା

ଭୁବନେଶ୍ୱର,୧୮।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୮୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାରୁ ୩ ଜଣ, ପୁରୀ ଓ କେନ୍ଦ୍ରାପଡା ଜିଲ୍ଲାରୁ ୨ - ୨ ଜଣ, ବରଗଡ, ବଲାଙ୍ଗୀର, କଟକ, ଗଜପତି, କନ୍ଧମାଳ ଓ ମୟୁରଭଂଜ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ଜଣେ ୨୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ବଲାଙ୍ଗୀର ଜିଲ୍ଲାର ଜଣେ ୮୨ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଭୁବନେଶ୍ୱରର ଜଣେ ୪୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ଜଣେ ୬୫ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ▶▶ପୃଷ୍ଠା ୭

୭ ଦିନରେ ଭୁବନେଶ୍ୱରରେ ସୁଧୁରିପାରେ କରୋନା ସ୍ଥିତି : ବିଏମସି କମିଶନର

ଭୁବନେଶ୍ୱର ,୧୮।୯ (ନି.ପ୍ର): ଭୁବନେଶ୍ୱରରେ ୭୩% କୋଭିଡ୍ - ୧୯ ଆକ୍ରାନ୍ତ ହୋମ୍ ଆଇସୋଲେସନ୍ ରେ ଅଛନ୍ତି । ଯଦିଓ ଆମେ ପରୀକ୍ଷା ବୃଦ୍ଧି କରିଛୁ, ମାମଲା ସଂଖ୍ୟାରେ କୌଣସି ବୃଦ୍ଧି ହୋଇନାହିଁ । ପ୍ରତ୍ୟେକ ଦିନ ୩୦୦ରୁ ୪୦୦ ମଧ୍ୟରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଏଥିରୁ ଜଣାପଡିଛି, ଗତ ୭ ଦିନ ମଧ୍ୟରେ କରୋନା ଜନିତ ମାମଲାଗୁଡ଼ିକ ହ୍ରାସ ପାଉଛି ଏବଂ ଆସନ୍ତା ୭ ଦିନରେ ସ୍ଥିତି ଆହୁରି ସୁଧୁରିବାର ସମ୍ଭାବନା ରହିଛି ବୋଲି ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗୋଟିଏ ଦିନରେ ୪୧୮୦ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୧୩୪୧ କୁ ବୃଦ୍ଧି

ଭୁବନେଶ୍ୱର,୧୮।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୧୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୭୧୩୪୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୩୩୪୬୬ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୭୧୪୦ ରହିଛି । ଆଜି ଚିହ୍ନଟ ହୋଇଥିବା ୪୧୮୦ ଜଣଙ୍କ ମଧ୍ୟରୁ ୨୪୬୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୧୪ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୬୮୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୫୫ , ବାଲେଶ୍ୱର ଜିଲ୍ଲାରେ ୧୩୩ ଜଣ, ବରଗଡ ଜିଲ୍ଲାରେ ୧୦୦ , ଭଦ୍ରକ ଜିଲ୍ଲାରେ ୮୧, ବଲାଙ୍ଗିର ଜିଲ୍ଲାରେ ୭୩, ବୌଦ୍ଧ ଜିଲ୍ଲାରେ ୫୬ ,କଟକ ଜିଲ୍ଲାରେ ୪୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୦. ଢେଙ୍କାନାଳ ଜିଲ୍ଲାରେ ୬୭, ଗଜପତି ଜିଲ୍ଲାରେ ୨୫, ଗଂଜାମ ଜିଲ୍ଲାରେ ୫୮, ଜଗତସିଂହପୁର ▶▶ପୃଷ୍ଠା ୭

ଯିଏ ପାପ କରିଛି ଦଣ୍ଡ ପାଇବ : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର ,୧୮।୯ (ନି.ପ୍ର): ଯିଏ ପାପ କରିଛି , ଯିଏ ଲୋକଙ୍କ ପଇସା ହଡପ କରିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ ଦିନେ ନା ଦିନେ ଦଣ୍ଡ ବିଧାନ ହେବ । ତାର ଉପନିର୍ବାଚନ କିମ୍ବା ସାଧାରଣ ନିର୍ବାଚନ ସହ କିଛି ସମ୍ପର୍କ ନାହିଁ । କାହା ଘରେ କେତେବେଳେ ସିବିଆଇ ରେଡ୍ ହେବ ତାହା ସମୟ କହିବ ଏବଂ ତଦନ୍ତକାରୀ ସଂସ୍ଥା କହିବ ବୋଲି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଶୁକ୍ରବାର ଦିନ ସି ସୋର ଚିଟଫଣ୍ଡ ଲିଙ୍କ୍ ମାମଲାରେ ବରିଷ୍ଠ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଘରେ ସିବିଆଇ ଅଧିକାରୀମାନେ ଛାନଭିନ୍ କରିବା ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ ଏହା କହିଛନ୍ତି । ଆମେ ଯେତେବେଳେ ଭ୍ରଷ୍ଟାଚାରରେ ଲିପ୍ତ ରହୁଛେ ତେବେ ଜାଣି ରଖିବା ଦରକାର ଆଜି ନହେଲେ କାଲି ତାର ଫଳ ନିଶ୍ଚିତ ପାଇବା । ତେଣୁ ଯିଏ ଯେମତି କରିବ ସିଏ ସେମିତି ପାଇବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ସ୍ୱୟଂ ସହରୟିକା ଗୋଷ୍ଠୀ ଦ୍ୱାରା ନାଳନର୍ଦ୍ଦମା ସଫେଇ : ସାଧାରଣରେ ଆଲୋଚ୍ୟ

ଜଳେଶ୍ୱର,୧୮।୯ (ନି.ପ୍ର): ଏଣିକି ସରକାର ପୌରପାଳିକା ଗୁଡିକରେ ନାଳ ନର୍ଦ୍ଦମା ସଫେଇ ଲାଗି ସ୍ୱୟଂ ସହାୟିକା ଗ୍ରୁପ ଗୁଡିକୁ ନିୟୋଜନ କରିବାର ବ୍ୟବସ୍ଥା କରିଛନ୍ତି । ଦୀର୍ଘବର୍ଷ ଧରି ନାଳ ନର୍ଦ୍ଦମା ଗୁଡିକ ପୋତି ହୋଇ ରହିଛି । ଜଳେଶ୍ୱର ପୌରପାଳିକାରେ ନୂଆବଜାରରେ ଥିବା ୩ଟି ସ୍ୱୟଂ ସହରୟିକର ଗୋଷ୍ଠୀ ନାଳ ନର୍ଦ୍ଦମା ସଫେଇରେ ଧ୍ୟାନ ଦେଇଥିବା ପ୍ରକାଶ । ଶ୍ରୀଜଗନ୍ନାଥ, ମା ଦୁର୍ଗ, ମା ଲକ୍ଷ୍ମୀ ଏସ୍‌ଏଚ୍‌ଜି ଗ୍ରୁପ ସମସ୍ତ ନାଳ ନର୍ଦ୍ଦମା ସଫେଇ କରି ଏକ ଆଲୋଡନ ସୃଷ୍ଟି କରିଥିବାରୁ ଗତ କିଛିଦିନ ତଳେ ବିଧାୟକ ଅଶ୍ୱିନୀର ପାତ୍ର ସେମାନଙ୍କୁ ପୁରସ୍କୃତ କରିଥିଲେ । ଉଦୀୟମାନ ଯୁବକ ସନ୍ଦିପ ପ୍ରଧାନ(ଦିପୁ) ମହିଳା ମାନଙ୍କୁ ସଂଗଠିତ କରି ଏପରି କାର୍ଯ୍ୟ ଚଳାଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି ।

ରାୟଗଡା ଜିଲ୍ଲାରୁ ୪ଜଣ ପ୍ଲାଜମା ଦାନକଲେ

ରାୟଗଡା,୧୮।୯ (ନି.ପ୍ର): ରାୟଗଡା ଜିଲ୍ଲାରୁ କରୋନାରେ ସୁସ୍ଥ ହୋଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ୯ ଜଣଙ୍କର ରକ୍ତ ନମୂନା ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ପରୀକ୍ଷା ନିମନ୍ତେ ପଠାଯାଇଥିଲା । ସେମାନଙ୍କ ମଧ୍ୟରୁ ୫ଜଣ ହିଁ ପ୍ଲାଜମା ଦାନ କରି ପାରିବେ ବୋଲି ଭେଷଜ ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସେହି ଅନୁସାରେ ସେମାନଙ୍କୁ ପ୍ଲାଜ୍ମା ଦାନକରିବାକୁ ଅନୁରୋଧ କରିବାରୁ ଜଣେ ପ୍ଲାଜମା ଦାନ କରିବାକୁ ମନା କରିଥିଲେ ଓ ୪ଜଣ ଯାଇ ବ୍ରହ୍ମପୁର ଠାରେ ନିଜର ପ୍ଲାଜମା ଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ କୋଭିଡ ଯୋଦ୍ଧା ଥିବାବେଳେ ଜଣେ ସାଧାରଣ ବ୍ୟକ୍ତି ନିଜର ପ୍ଲାଜମା ଦାନ କରିଛନ୍ତି । ପ୍ଲାଜମା ଦାନ କରିଥିବା ବ୍ୟକ୍ତି ମାନନଙ୍କୁ ରାୟଗଡା ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ତଥା ପ୍ଲାଜମା ନୋଡ଼ାଲ ଅଫିସର ଶ୍ରୀ ଶରତ ଚନ୍ଦ୍ର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥା କୋଭିଡ ନୋଡ଼ାଲ ଅଧିକାରୀ ଶ୍ରୀ ଅମୃତ ଋତୁରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ପ୍ଲାଜମା ଥେରାପି ସଂଯୋଜିକା ଡା. ଶ୍ରୀ ରୟ ଆଦି ପ୍ଲାଜମା ଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆସନ୍ତା ୨୧ତାରିଖରେ ପୁଣି ୧୧ଜଣଙ୍କର ରକ୍ତ ନମୁନା ପରୀକ୍ଷା ପାଇଁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ଯିବେ ଏବଂ ପ୍ଲାଜମା ଦାନ କରିବାକୁ ଯୋଗ୍ୟ ହେଲେ ସେମାନେ ପ୍ଲାଜମା ଦାନକରିବେ । ପ୍ରକାଶ ଥାଉକି ଜିଲ୍ଲାରୁ ବର୍ତ୍ତମାନ ସୁଦ୍ଧା ୫୬୨୬ଜଣ କୋରନାରେ ଆକ୍ରାନ୍ତ ବ୍ୟକ୍ତି ମାନେ ସୁସ୍ଥ ହେଲେଣି । ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ କୋରନାରୁ ସୁସ୍ଥ ବ୍ୟକ୍ତି ମାନଙ୍କ ପ୍ଲାଜମା ଦାନ କରିବା ନିମନ୍ତେ ଆହ୍ୱାନ କରିଥିଲେ ।

ଘରେଘରେ ପବିତ୍ର ମହାଳୟା ପର୍ବ ପାଳନ

ଗୁଣୁପୁର,୧୮।୯ (ନି.ପ୍ର):ପବିତ୍ର ମହାଳୟା, ମୁଖ୍ୟତଃ ଦକ୍ଷିଣ ଓଡ଼ିଶାର ଏକ ବହୁଚର୍ଚ୍ଚିତ ପର୍ବ । ଓଡ଼ିଶାରେ ଏକ ଲୋକଉକ୍ତି ଅଛି ବାରମାସରେ ତେର ପର୍ବ । ବାରମାସରୁ ଆଶ୍ୱିନମାସକୁ ପାର୍ବଣର ମାସ କୁହାଯାଉଥିବା ବେଳେ, ଏହି ମହାଳୟା ଅମାବାସ୍ୟା ହିଁ ପାର୍ବଣ ଋତୁର ପ୍ରାରମ୍ଭିକ ପର୍ବ ଅଟେ । ସାଧାରଣତଃ ଏହି ପୂଜାଟି ମା କାଳୀଙ୍କୁ ସମର୍ପିତ । ଘରର ଗୃହିଣୀ ନିଜ ସ୍ୱାମୀ ଓ ପିଲାଙ୍କ ଦୀର୍ଘାୟୁ ତଥା ମଙ୍ଗଳ କାମନା କରି ମା'ଙ୍କ ନିକଟରେ ଶରଣାପନ୍ନ ହୋଇଥାଏ । କିନ୍ତୁ, ଏହି ପର୍ବଟିର ଏକ ନିଆରା ପରମ୍ପରା ରହିଛି । ଘରର ଛୋଟ ପିଲାମାନେ ସାତଟି ଘରୁ ଭିକ୍ଷାକରି ଯାହାକିଛି ନେଇ ଆସନ୍ତି ସେଥିରୁ ହିଁ ଗୃହିଣୀ ମା'ଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରନ୍ତି ଏବଂ ଆଖପାଖ ପିଲାଙ୍କୁ ମଧ୍ୟ ଏହି ପ୍ରସାଦ ସେବନ ପାଇଁ ନିମନ୍ତ୍ରଣ କରିଥାନ୍ତି । କିନ୍ତୁ ବିଡମ୍ବନାର ବିଷୟ ଏହା କି ଏହି ପରମ୍ପରା ବିଲୁପ୍ତ ପ୍ରାୟ । ଆଧୁନିକତାର ମୋହ ତଥା ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ବଶୀଭୂତ ହୋଇ ଆଉ ଏହିପରି ଏକ ବହୁ ପୁରୁଣା ପରମ୍ପରାକୁ ପାଳିବାକୁ ଇଚ୍ଛା କରୁନାହାନ୍ତି କିଛି ଲୋକ । ଘରେ ଘରେ ପାଳିତ ହେଉଥିବା ଏହି ପବିତ୍ର ପରମ୍ପରା ଆଜି କାଁଭାଁ ଦେଖିବାକୁ ମିଳୁଛି । କିନ୍ତୁ, ଆଶ୍ୱସ୍ତିର କଥାକି ଆଜି ମଧ୍ୟ ଏହି ପରମ୍ପରାକୁ ବଜାୟ ରଖିବାକୁ ପ୍ରୟାସ ଜାରି ରହିଛି । ଆଜି ସକାଳୁ ରାୟଗଡା ଓ ଗୁଣୁପୁର ସହରର ସାହି ସାହିରେ ପିଲାମାନେ ନୂଆ ପୋଷାକ ପରିଧାନ କରି ହାତରେ ବ୍ୟାଗ ଧରି ଘର ଘର ବୁଲି ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଛି । ଦାତା ନିଜ ସକ୍ଷମ ମୁତାବକ ଚାଉଳ ପନିପରିବା, ଫଳ ପାଚିଲା ଦାନ କରିଥାନ୍ତି । କିନ୍ତୁ ଏହି ଭିକ୍ଷା ସର୍ବ ପ୍ରଥମେ ନିଜ ମାଆଙ୍କଠାରୁ ଆରମ୍ଭ କରାଯାଇଥାଏ । ଏହାପରେ ସାତଟି ଘରର ଭିକ୍ଷାକୁ ପୂଜା ସାମଗ୍ରୀରେ ମିଶାଇ ଏହାକୁ ରୋଷେଇ କରି ପ୍ରସାଦ ରୂପେ ଖାଇଥାନ୍ତି । ଏହି ବର୍ଷ କରୋନା ଯୋଗୁଁ ଛୋଟ ଛୋଟ ପିଲାମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ସାଧାରଣରେ ଭୟ କରୁଥିବା ଦେଖିବାକୁ ମିଳିଛି ଏବଂ ନିଜ ନିଜ ଘରେ ପ୍ରସାଦ କରି ସେବନ କରିଥିବା ଜଣାପଡିଛି ।

ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲା କଂଗ୍ରେସ

ଭୁବନେଶ୍ୱର,୧୮।୯ (ନି.ପ୍ର): ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ବରପଦା ଗ୍ରାମପଂଚାୟତ ଅଧିନସ୍ଥ ୭ ନମ୍ବର ୱାର୍ଡର ଦଳିତ ଚାଷୀ ରମାକାନ୍ତ ମଳିକ ଗତ ୧୦ ତାରିଖ ଦିନ ନିଜ କ୍ଷେତ ନିକଟସ୍ଥ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିବା ପ୍ରସଙ୍ଗରେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ । ମୁଖ୍ୟମନ୍ତ୍ରୀ ଅବିଳମ୍ବେ ରମାକାନ୍ତଙ୍କ ପରିବାରବର୍ଗଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କଂଗ୍ରେସ ଦଳ ପକ୍ଷରୁ ଦାବି କରାଯାଇଛି । ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଓଡିଶାର ରାଜ୍ୟପାଳ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରମାକାନ୍ତ ନିଜସ୍ୱ ୨୦ - ୨୨ ଗୁଣ୍ଠ ଜମିରେ ଚାଷ କରିବା ସହ ଅନ୍ୟ ଲୋକର ପାଖାପାଖି ୪ ଏକର ଜମି ଭାଗଚାଷ କରି ଗାଁରୁ ଅନ୍ୟୁନ ୫୦ ହଜାର ଟଙ୍କା ଧାର କରିବା ସହ ନିଜର ଗାଈ ଓ ସ୍ତ୍ରୀର ସୁନା ଜିନିଷ ବିକ୍ରୀ କରିଥିଲେ । ଘଟଣାର ୭ ଦିନ ବିତିଯାଇଥିଲେବି ଏ ଯାବତ୍ ବ୍ଲକ, ଜିଲ୍ଲା ଓ ରାଜ୍ୟ ପ୍ରଶାସନ ଏପରିକି କେନ୍ଦ୍ରୀୟ ବନ୍ୟାଂଚଳ ପରିଦର୍ଶନ ବିଶେଷଜ୍ଞ ଟିମ୍‌ର କୌଣସି ଅଧିକାରୀ ମଧ୍ୟ ତାଙ୍କ ପରିବାର ନିକଟରେ ନ ପହଂଚିବା ସରକାରଙ୍କର ଅସଲ ଆଭିମୁଖ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କୃଷିମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କୃଷି ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର କିମ୍ବା ଆର୍‌ବିସି କୌଣସି ତତ୍ପରତା ପ୍ରକାଶ ନକରିବା ଲୋକଲୋଚନରେ ସନ୍ଦେହକୁ ଦୃଢୀଭୂତ କରୁଛି । ଏହି ପ୍ରତିନିଧି ମଣ୍ଡଳୀରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ତଥା ପ୍ରାକ୍ତନ ସିଡବ୍ଲ୍ୟୁସି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ, ପିସିସି କିଷାନ କଂଗ୍ରେସ ସଭାପତି ଅମୀୟ କୁମାର ପଟ୍ଟନାୟକ, ପ୍ରାକ୍ତନ ମୁଖପାତ୍ର ପଦ୍ମାକର ଗୁରୁ, ବିଂଝାରପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦାସ, ପିସିସିର ପ୍ରାକ୍ତନ ସାଧାରଣ ସଂପାଦକ ବିଶ୍ୱଭୂଷଣ ଦାସ ଓ ଶିଶିର କୁମାର ନାୟକ ଏବଂ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସଂପାଦିକା କନକଲତା ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

ପୋଲିସ ସ୍କ୍ୱାଡ ଦ୍ୱାରା ନକଲି ନମ୍ବର ଥିବା ଦୁଇଟି ଟ୍ରକ ଜବତ

ଗୁଣୁପୁର,୧୮।୯ (ନି.ପ୍ର): ରାୟଗଡା ଜିଲ୍ଲାରେ ଦିନକୁ ଦିନ ବାଇକ୍ ଠାରୁ ଆରମ୍ଭ କରି ଟ୍ରକ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଚୋରା ଗାଡି ବୁଲୁଥିଲେ ମଧ୍ୟ ପ୍ରଶାସନ ତରଫରୁ ଧରିବା ପାଇଁ ଆନ୍ତରିକତା ସେତେଟା ନଥିବା ସାଧାରଣରେ ଆଲୋଚନା ହୋଇଆସୁଛି । ହେଲେ ଆଜି ମୁନିଗୁଡାରେ କାର୍ଯ୍ୟରତ ଥିବା ବିଷମକଟକର ନୂତନ ଏସ୍‌ଡିପି ଓ ଶ୍ରୀଆକାଶ କୁମାର ସାହୁ କୌଣସି ପ୍ରକାର ସୂଚନା ପାଇ ମୁନିଗୁଡାରେ ଥିବା ତାଙ୍କ ପୋଲିସ୍ ଟିମ୍ କୁ ଅତି ଚତୁରତା ସହିତ ଅମ୍ବାଦଳା ନିକଟସ୍ଥ ମୁର କୂପା ପଠାଇଥିଲେ । ସେଠାରେ ନକଲି ନମ୍ବର ସିଜି-୦୪-ଏଲ୍ ଏକ୍ସ ୪୪୯୬, ସିଜି-୦୪-ଏଲ୍ କ୍ୟୁ ୧୫୯୬, ଦୁଇଟି ଟ୍ରକରେ ସିମେଣ୍ଟ ବୋଝେଇ ହୋଇ ମୁନିଗୁଡା ଅଭିମୁଖେ ଯାଉଥିଲା । ସେହି ନକଲି ନମ୍ବର ଥିବା ଦୁଇ ସିମେଣ୍ଟ ବୋଝେଇ ଟ୍ରକ୍ ଓ ହେଲପର ଦ୍ୱୟକୁ ଏସ୍‌ଡିପିଓଙ୍କ ସ୍କ୍ୱାଡ ଜବତ କରି ଅମ୍ବାଦଳା ଥାନାରେ ଜିମା ଦେଇଥିବା ବେଳେ ଡ୍ରାଇଭର ଦ୍ୱୟ ଫେରାର ହୋଇଯାଇଛନ୍ତି । ପ୍ରକାଶ ଥାଉକି ଏଥି ପୂର୍ବରୁ ଅମ୍ବାଦଳାରେ ଭାଙ୍ଗ ଗାଡି, ଗୋରୁ ବୋଝେଇ ଗାଡ଼ି ଜବତ ହୋଇଥିଲା । ଏସ୍‌ଡିପିଓଙ୍କର ଏପରି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

ଆସନ୍ତାକାଲି ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟରେ ସ୍ୱାବ ଟେଷ୍ଟ ହେବ

ଭୁବନ,୧୮।୯ (ନି.ପ୍ର): ଭୁବନ ଏନଏସିରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ପାଖାପାଖି ୫୦୦ ରେ ପହଁଚିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଶୁକ୍ରବାର ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟ ଠାରେ ସକାଳ ୧୦ ଘଟିକା ସମୟରେ ମେଗା ସ୍ୱାବ ଟେଷ୍ଟ ର ଆୟୋଜନ କରାଯାଇଛି । ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ସ୍ୱତଃପ୍ରବୃତ ଭାବେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସ୍ୱାବ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି ।

ଅର୍ବାନ ପିଏଚସିରେ ଅକ୍ସିଜେନ ଥେରାପି ସେଣ୍ଟର ଉଦ୍‌ଘାଟିତ

ବାଲେଶ୍ୱର,୧୮।୯ (ନି.ପ୍ର): ବାଲେଶ୍ୱର ପୌରାଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ୩ଗୋଟି ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ଅର୍ବାନ ପି.ଏଚ.ସି.)ରେ ଆଜି ଅକ୍ସିଜେନ ଥେରାପି ସେଣ୍ଟର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏହି ତିନି ଅକ୍ସିଜେନ ଥେରାପି କେନ୍ଦ୍ର ଉଦଘାଟନ ହୋଇଥିଲା । ଶୋଭାରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅକ୍ସିଜେନ ଥେରାପି ସେଂଟରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ଉଦଘାଟନ କରିଥିବା ବେଳେ ସହଦେବ ଖୁଂଟା ପି.ଏଚ.ସି.ର ଅକ୍ସିଜେନ ଥେରାପି ସେଂଟରକୁ ଡା. ଲମ୍ବୋଦର ବଳ ଏବଂ ସୁନହଟ ପି.ଏଚ.ସି.ର ଅକ୍ସିଜେନ ଥେରାପି ସେଂଟରକୁ ଡା ମମତା ସାହୁ ଉଦଘାଟନ କରିଥିଲେ । ଉଦଘାଟିତ ହୋଇଥିବା ପ୍ରତ୍ୟେକ ଅକ୍ସିଜେନ ଥେରାପି ସେଂଟରରେ ୪ଟି ଲେଖାଏଁ ଶଯ୍ୟା ରହିଛି । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଭୋଗ କରୁଥିବା ଉଭୟ କୋଭିଡ ଓ ଅଣକୋଭିଡ ରୋଗୀଙ୍କୁ ଏଠାରେ ସଙ୍ଗେ ସଙ୍ଗେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରାଯିବ । ସେଥିପାଇଁ ଏଠାରେ ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ହେବ । ଏଠାରେ ଦିନ ରାତି ୨୪ ଘଣ୍ଟା ସେବା ଯୋଗାଇ ଦିଆଯିବ । ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୨୦ତାରିଖରୁ ପ୍ରତ୍ୟେକ ପି.ଏଚ.ସିରେ ୩ଜଣ ଲେଖାଏଁ ଏ.ଏନ.ଏମ୍. ନିଯୁକ୍ତ କରାଯିବ । ଅକ୍ସିଜେନ ଥେରାପି ଦ୍ୱାରା ରୋଗୀଙ୍କ ସ୍ଥିତି ଯଦି ସାମାନ୍ୟ ହୋଇଯାଏ ତାହା ହେଲେ ତାଙ୍କୁ ଛାଡି ଦିଆଯିବ ଅନ୍ୟଥା ସେମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯିବ । ଏହି ତିନି ଅକ୍ସିଜେନ ଥେରାପି ସେଂଟରର ଦାୟିତ୍ୱରେ ଥିବା ଡାକ୍ତର ଏବଂ ସେମାନଙ୍କ ମୋବାଇଲ ନମ୍ବର ନିମ୍ନରେ ଦିଆଗଲା । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅରୂପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅକ୍ସିଜେନ ଥେରାପି ସେଂଟର କାର୍ଯ୍ୟକ୍ଷମ ହେବା ଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଭୋଗୁଥିବା ଗୁରୁତର ରୋଗୀଙ୍କ ତୁରନ୍ତ ଚିକିତ୍ସା କରାଯାଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଆଶାପ୍ରକଟ କରିଛନ୍ତି ।

କିସ୍ ପକ୍ଷରୁ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ଓ ଟିସାର୍ଟ ବଂଟନ

ବାରିପଦା,୧୮।୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଅସନା ଗ୍ରାମପଂଚାୟତ ଫଟାଟାଙ୍ଗର ଗ୍ରାମରେ ଡଃ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କିସ୍ ଇନ୍ସ୍ଟିଚ୍ୟୁଟ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ଶୁଖିଲା ଖାଦ୍ୟ ଓ ଟିସାର୍ଟ ପ୍ରଦାନ କରାଯାଇଛି । କଳିଙ୍ଗ ଇନ୍ସ୍ଟିଚ୍ୟୁଟ ଅଫ୍ ସାଇନ୍ସେସ ଅନୁଷ୍ଠାନରେ ଅଧ୍ୟୟନରତ ବହଳଦା ବ୍ଲକ ଅଂଚଳର ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ କିସ୍ ଅନୁଷ୍ଠାନର ବହଳଦା ବ୍ଲକ୍ ସଂଯୋଜକ ମାଧବ ଦେଓଗାମ୍ ଓ କିସ୍‌ର କାର୍ଯ୍ୟରତ ଶିକ୍ଷକ ସମୀର ମୁଣ୍ଡା, ଜିତରାୟ ହାଁସଦାଃ ପ୍ରମୁଖଙ୍କ ଦ୍ୱାରା ଫଟାଟାଙ୍ଗର ଗ୍ରାମ ସ୍ଥିତ ଅସ୍ଥାୟୀ ଶିବିରରେ ଛାତ୍ରଛାତ୍ରୀଙ୍କୁ ଡାଲି, ଚୂଡା, ଚିନି ଓ ବିସ୍କୁଟ ପ୍ୟାକେଟ୍ ସହିତ ଟିସାର୍ଟ ପ୍ରଦାନ କରିଛନ୍ତି । ଏଠାରେ ବହଳଦା ବ୍ଲକର ବିଭିନ୍ନ ଗ୍ରାମ ଯଥା ଚହଲାପଦା, ଅସନା, ବଡକେଡମ, ହେଁସଡା, ଇଚାଡିହି, କେନ୍ଦୁଆ, ମଲିକେଡମ, ବହଳଦା, କାଦୁଆଣି, ଭୂରୁଷା, ଜଗନ୍ନାଥପୁର ଆଦି ଗ୍ରାମରୁ ମୋଟ ୭୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୬ ଜଣ ଛାତ୍ରଛାତ୍ରୀ ଅଭିଭାବକଙ୍କ ସହିତ ପହଂଚି ଶୁଖିଲା ଖାଦ୍ୟ ଓ ଟିସାର୍ଟ ଗ୍ରହଣ କରିଥିଲେ । କରୋନା ମହାମାରୀ ଯୋଗୁଁ ଅନୁଷ୍ଠାନ ଛାଡି ଘରେ ଥିବା ପିଲା ମାନଙ୍କୁ ଇନ୍ସ୍ଟିଚ୍ୟୁଟ୍ ପକ୍ଷରୁ ବହିପତ୍ର ସହିତ ଖାଦ୍ୟ ସାମଗ୍ରୀ ଓ ଅନଲାଇନରେ ଶିକ୍ଷାଦାନ ଯୋଗାଇବାର ବ୍ୟବସ୍ଥା କରାଯାଇଛି । ଫଟାଟାଙ୍ଗର ଅସ୍ଥାୟୀ ଶିବିରରେ ପୂର୍ବରୁ ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସାମଗ୍ରୀ ବଂଟନ କରାଯାଇଥିଲା ବେଳେ ମଙ୍ଗଳବାର ଦିନ ଚତୁର୍ଥ ପର୍ଯ୍ୟାୟ ଶିବିରରେ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସାମଗ୍ରୀ ବଂଟନ କରାଯାଇଛି ।

ନୂଆପଡା ଜିଲ୍ଲାରେ କୋଭିଡ ସଂକ୍ରମଣ ବୃଦ୍ଧିର ଗ୍ରାଫ

ନୂଆପଡା,୧୮।୯ (ନି.ପ୍ର): ନୂଆପଡା ଜିଲ୍ଲାରେ କୋଭିଡ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସେପ୍ଟେମ୍ବର ମାସର ପହିଲାରୁ ୧୫ ତାରିଖ ମଧ୍ୟରେ ସଂକ୍ରମଣର ହାର ମାତ୍ରାଧିକ ରହିଛି । ଏହି ୧୫ ଦିନ ମଧ୍ୟରେ ଜିଲାରେ ୧୨୯୬ ଜଣ ସଂକ୍ରମିତ ହୋଇଛନ୍ତି । ଜିଲ୍ଲାରେ ଦିନକୁ ଦିନ ଏଭଳି ସଂକ୍ରମଣ ହାର ବୃଦ୍ଧି ପାଉଥିବା କାରଣରୁ ଏହା ଲୋକଙ୍କ ସକାଶେ ଚିନ୍ତାର କାରଣ ଅଟେ । ଆସନ୍ତା ଦିନରେ ସ୍ଥିତି ଅଣାୟତ ହେବ । ଫଳରେ ଲୋକେ ସେମାନଙ୍କ ଘରେ ରହିବା ସହ ସାମାଜିକ ଦୂରତା ପାଳନ, ମାସ୍କ ବ୍ୟବହାର, ବାରମ୍ବାର ସାବୁନରେ ହାତ ଧୋଇବା ଭଳି ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ବନ୍ୟା କ୍ଷୟକ୍ଷତି ଆକଳନ କରି ଫେରିଲେ କେନ୍ଦ୍ରୀୟ ଟିମ୍ : କେନ୍ଦ୍ରକୁ ୧୧୦୦ କୋଟି ଟଙ୍କାର ସହାୟତା ମାଗିଲା ରାଜ୍ୟ

ଭୁବନେଶ୍ୱର,୧୮।୯ (ନି.ପ୍ର): ରାଜ୍ୟରେ ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତି

କାଚଚୁଡ଼ିର ସହର

ନୂଆଦୀଲ୍ଲୀଠାରୁ ପ୍ରାୟ ଦୁଇଶହ କିଲୋମିଟର ଦଳା ଫିରୋଜାବାଦ ଏକ କୁଟୀର ଶିଳ୍ପର ସହର । କାଚ ଶିଳ୍ପ ପାଇଁ ଜଣାଶୁଣା ଏହି ସହରର ଅଧିକାଂଶ ପରିବାର ମୁଖ୍ୟତଃ ମହିଳାଙ୍କ ହାତପିନ୍ଧା କାଚ ନିର୍ମାଣ କରିଥାନ୍ତି । ଏହି ସହରରୁ ଉଠୁଥିବା କଳାଧୂଆଁ ପଛରେ ରଙ୍ଗିନ କାଚ ନିର୍ମାଣ ହିଁ ଦାୟୀ । କାଚ ନିର୍ମାଣଣ ପାଇଁ ଶିଳ୍ପର ଆଧୁନିକୀକରଣ ସତ୍ତ୍ୱେ ଏଠାରେ ପାରମ୍ପରିକ ଭାବେ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ଏଠାରେ ବାଙ୍ଗଲା (ହାତପିନ୍ଧା କାଚ) ନିର୍ମାଣ ଏକ କୌଳିକ ବୃତ୍ତି ଭାବେ ପିଢ଼ି ପରେ ପିଢ଼ି ଗଢ଼ି ଆସିଛି । ଫିରୋଜାବାଦର କାଚ କେବଳ ଭାରତରେ ନୁହେଁ ସାରା ବିଶ୍ୱକୁ ଏହା ରପ୍ତାନି ହୋଇଥାଏ । କ୍ରିସ୍‌ମାସ ସମୟରେ ଏଠାରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକାରର କାଚର ଆଇଟମ୍‌ର ବେଶ୍ ଚାହିଦା ସର୍ବଦା ରହିଆସିଛି । ଫିରୋଜାବାଦରେ ଦୁଇଶହ ବର୍ଷ ଧରି ପାଣିକାଚ ନିର୍ମାଣ ହେଉଥିବା ଜଣାଯାଏ । ବିଶ୍ୱର ସବୁଠାରୁ ଅଧିକ କାଚ ନିର୍ମାଣ ଏହି ସହରରେ ହୋଇଥାଏ । ଏହି ସହରରେ ଚୁନିର ବଜାର ସୁନ୍ଦର ରଙ୍ଗିନ କାଚରେ ଝଲମଲ କରୁଥାଏ । କାଚ ନିର୍ମାଣ କାର୍ଯ୍ୟରେ ଆବାଳବୃଦ୍ଧବନିତା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ । ରଙ୍ଗିନ କାଚକୁ ତରଳାଇ ତାକୁ ଟାଣି ତାର ପରି କରାଯାଇଥାଏ । ପରେ ଏହାକୁ ସ୍ୱତନ୍ତ୍ର ଶୈଳୀରେ କାଚ ଚୁଡ଼ି କରାଯାଇଥାଏ ।

"ମୁଁ ଛୋଟ ବେଳୁ ଏହି କାଚ ଶିଳ୍ପରେ କାର୍ଯ୍ୟ କରି ଆସୁଛି । ଆମେ ଆମର ଝାଳ ରକ୍ତ ନିଗାଡ଼ି ଏହି କାଚ ବ୍ୟବସାୟ ଜାରି ରଖିଛୁ । ପ୍ରତ୍ୟେକଟି କାଚ ଗ୍ରାହକଙ୍କ ହାତରେ ପହଞ୍ଚିବା ବେଳକୁ ଅତିକମ୍‌ରେର ଅଶୀ ଜଣଙ୍କ ହାତ ଦେଇ ଯାଇଥାଏ ।" ଏକଥା କହନ୍ତି ଅଶୀ ବର୍ଷୀୟା ବାବୁରାମ ମିଶ୍ର । ବାବୁରାମ ଶ୍ରମିକ ସଂଘର ସଭାପତି ଅଛନ୍ତି । ସେ ଆହୁରି ମଧ୍ୟ କହନ୍ତି "କାଚ ନିର୍ମାଣ ଅଧା କାର୍ଯ୍ୟ ଫ୍ୟାକ୍ଟ୍ରିରେ ହୋଇଥାଏ, ବାକି ଅର୍ଦ୍ଧେକ କାର୍ଯ୍ୟ ଘରେ ହୋଇଥାଏ । ପରିବାରର ପ୍ରତ୍ୟେକ ସଦସ୍ୟ ଏହି କାର୍ଯ୍ୟରେ ଲାଗି ରହିଥାନ୍ତି । ସହରର ଅଧିକାଂଶ ଶିଶୁ ସେମାନଙ୍କ ଅଭିଭବକଙ୍କୁ ଏ କାର୍ଯ୍ୟରେ ସହଯୋଗ କରନ୍ତି ।"

ଏକ ରିପୋର୍ଟ ମୁତାବକ, ସହରର ଜନସଂଖ୍ୟାର ନବେ ପ୍ରତିଶତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏହି ଶିଳ୍ପ ସହ ଜଡ଼ିତ । ୧୯୧ଟି ଗ୍ଲାସ୍-ବାଙ୍ଗଲା ଫ୍ୟାକ୍ଟ୍ରି ସରକାରୀ ଭାବେ ପଞ୍ଜିକୃତ ହୋଇଛି ଏବଂ ଏକକ ଶିଳ୍ପରେ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି । କାଚ ପାଇଁ ବ୍ୟବହୃତ ସିଲିକା ସ୍ୟାଣ୍ଡର ପ୍ରାଚୁର୍ଯ୍ୟ ଏବଂ ଶସ୍ତା ସହଜରେ ମିଳିଯାଉଥିବା ଶ୍ରମିକଙ୍କ ପାଇଁ ଏହି ଶିଳ୍ପ ଏଠାରେ ଏଯାବତ୍ ବଞ୍ଚି ରହିଥିବା କୁହାଯାଏ । ଶ୍ରମିକଟିଏ ଏଠାରେ ଭୋର୍ ଚାରିଟାରୁ ତା'ର କାର୍ଯ୍ୟ ଆରମ୍ଭ କରରି ସନ୍ଧ୍ୟା ୭ଟା ଯାଏ ଜାରି ରଖିଥାଏ । ଦିନକର କଠିନ ପରିଶ୍ରମରୁ ତାକୁ ମାତ୍ର ଅଶୀ ନବେ ଟଙ୍କା ମିଳିଥାଏ । କାଚ ବ୍ୟବସାୟୀ ଅନୁଜ ଶର୍ମା କହନ୍ତି "ପିଲାମାନେ ଅଧିକ ରୋଜଗାର ପାଇଁ ଘରେ କାର୍ଯ୍ୟ କରିବା ଅପେକ୍ଷା କାଚ ଶିଳ୍ପରେ କାମ କରିବାକୁ ବେଶୀ ପସନ୍ଦ କରନ୍ତି ।" ଷୋଳହଜାର କାଚର କ୍ୱାଲିଟି ଚେକ୍ ପାଇଁ ୬୦ଟଙ୍କା ଶ୍ରମିକଙ୍କୁ ମିଳିଥାଏ । ଏକ ପଥରରେ ପ୍ରତ୍ୟେକ କାଚକୁ ଧୀରେ ଧୀରେ ବାଡ଼େଇ ଶବ୍ଦ ଶୁଣି ଏହା ଠିକ୍ ଅଛି କି ନା ଚେକ୍ କରାଯାଏ । ପ୍ୟାକିଂ ହେଉଥିବା କାଚ ଭିତରେ ଯେପରି ଚଡ଼କି ଯାଇଥିବା କିମ୍ବା ଦୁର୍ବଳ ଥିବା କାଚ ରହି ନଯାଏ ଏମାନେ ଦେଖିଥାନ୍ତ । କାଚ ଶିଳ୍ପରେର କାମ କରୁଥିବା ବ୍ୟକ୍ତିଙ୍କଠାରେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ଶିଳ୍ପରେ ବ୍ୟବହୃତ କାଚ, ଉତ୍ତାପ ଏବଂ କେମିକାଲ୍ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଡାକ୍ତର ସୁରିନ୍ଦରର ପାଲ ସିଂହ ଚୌହାନ କହନ୍ତି "ଏହି ସହରରେ ମୁଁ ତିରିଶ ବର୍ଷ ଧରି ଡାକ୍ତରୀସେବା ଦେଇ ଆସୁଛି । ଏଠାକାର ଲୋକମାନେ ଟ୍ୟୁବରକ୍ୟୁଲୋସିସ୍ ଏବଂ ବିଭିନ୍ନ ଚାତି ସମସ୍ୟାରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଆସିଥାନ୍ତି । ତ୍ୱଚାରେ ନିଆଁ ଲାଗି ଫୋଟକା, ଆଲର୍ଜି ଏବଂ ଦୃଷ୍ଟିଶକ୍ତିରେ ସମସ୍ୟା ଏଠାରେ ତ ଏକ ସାଧାରଣ କଥା ।"

କେବେଠାରୁ ଏଠାରେ କାଚ ଶିଳ୍ପ ଆରମ୍ଭ ହୋଇଛି ? ମାତ୍ର ଦୁଇଶହ ବର୍ଷ ଭିତରେ ଏହି ଶିଳ୍ପ ଏଠାରେ ଆରମ୍ଭ ହୋଇଥିବା କୁହାଯାଏ । ଆଗ୍ରା ଗେଜେଟିୟର୍ ୧୮୮୪ ମୁତାବକ ଫିରୋଜାବାଦରେ ସେତେବେଳେ ଲାକଖ ବ୍ୟବସାୟ ଲାଭ ଚାଲିଥିଲା । ସମୟକ୍ରମେ ଏହି ବ୍ୟବସାୟ ଏଠାରେ ଲୋପ ପାଇ ଯାଇଥିଲା । ପରେ ପରେ କାଚ ଚୁଡ଼ି, କାଚରେ ନିର୍ମିତ ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ବୈଜ୍ଞାନିକ ଉପକରଣ, ବଲ୍‌ବ ଆଦି ଏଠାରେ ନିର୍ମାଣ କରାଯାଇଥିଲା । ଏବେ ଏ ସହରର ଖ୍ୟାତି ସାରା ବିଶ୍ୱରେ ରହିଛି ।

ହଳଦିଆ ତରଭୁଜ



ଝାଡ଼ଖଣ୍ଡର ରାମଗଡ଼ ଅଞ୍ଚଳର ଜଣେ ଚାଷୀ ରାଜେନ୍ଦ୍ର ବେଦିୟା ଏବେ ହଳଦିଆ ତରଭୁଜ ଫଳାଇବାରେ ସକ୍ଷମ ହୋଇଛନ୍ତି । ଏହି ତରଭୁଜ ଅନମୋଲ ହାଇବ୍ରିଡ୍ କିସମର, ଯାହାର ଉପର ଅଂଶର ରଙ୍ଗ ସାଧାରଣ ତରଭୁଜ ଭଳି, କିନ୍ତୁ କାଟିଦେଲେ ଭିତର ଅଂଶ ହଳଦିଆ ଦେଖାଯାଉଛି । ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚରେ ବିଷୟ ପାଲଟିଛି । ରାଜେନ୍ଦ୍ର ରାମଗଡ଼ର ଚୋକଡ଼ବେଡ଼ା ଗାଁର ବାସିନ୍ଦା । ଚଳିତବର୍ଷ ନିଜ ଜମିରେର ସେ ସ୍ୱେଦେଶୀ ବଦଳରେ ତାଇୱାନ୍‌ରୁ ମଞ୍ଜି ମଗାଇ ତରଭୁଜ ଚାଷ କରିବାକୁ ସିଦ୍ଧାନ୍ତ ନେଇଥିଲେ । ସେଥିଲାଗି ସେ ଅନଲାଇନ୍‌ରେ ୧୦ ଗ୍ରାମ ଅନମୋଲ ହାଇବ୍ରିଡ୍ କିସମର ମଞ୍ଜିକୁ ୮୦୦ଟଙ୍କା ଦେଇ କିଣିଥିଲେ । ନିଜର ଏକ ଛୋଟ ଚାଷଜମିରେ ତାକୁ ଲଗାଇଥିଲେ । ବର୍ତ୍ତମାନ ସୁଦ୍ଧା ସେଠାରୁ ୧୫ କ୍ୱିଣ୍ଟାଲରୁ ଅଧିକ ତରଭୁଜ ଅମଳ ହୋଇଛି । ଯଦି ଦାମ୍ ଠିକ୍‌ଠାକ୍ ମିଳିଲା ତା' ହେଲେ ସେଥିରୁ ସେ ୨୦ ହଜାର ଟଙ୍କା ଲାଭ କରିବକୁ ଆଶା ରଖିଛନ୍ତି । ସାଧାରଣ ତରଭୁଜ ଅପେକ୍ଷା ଏହା ଅଧିକ ରସାଳ ହୋଇଥିବାବେଳେ ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ଲାଗୁଛି । ତେଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାର ଚାହିଦା ଦେଖିବାକୁ ମିଳୁଛି । ଅନ୍ୟପଟେ ରାଜେନ୍ଦ୍ରଙ୍କର ଏହି ସଫଳତା ଦେଖି ତାଙ୍କ ଗାଁର ଅନ୍ୟ ଚାଷୀମାନେ ବି ଏଭଳି ଚାଷ କରିବା ଲାଗି ଚିନ୍ତା କରୁଛନ୍ତି ।

କରୋନା ଫେସନ

ଡିଓ ସାନିଟାଇଜର

କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ବିଭିନ୍ନ ଉପାୟ କରାଯାଉଛି । ତେବେ ଘରୁ ବାହାରେ ଥିବା ସମୟରେ ନିଜକୁ ସାନିଟାଇଜ କରିବା ସବୁଠାରୁ କଷ୍ଟକର ଉପାୟ । କୌଣସି ଅଜଣା ସଂକ୍ରମିତ ବ୍ୟକ୍ତିଙ୍କ ପାଟିରୁ ବାହାରୁଥିବା ଜଳବୁନ୍ଦାରୁ ସୁରକ୍ଷିତ ରହିବା ପାଇଁ ସାନିଟାଇଜର ନିହାତି ଜରୁରୀ । ଏହି ପ୍ରକ୍ରିୟା ସହଜ କରିବା ଲାଗି ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଆଂଶିକ ଗଙ୍ଗୱାର ଏବଂ ଆଇଆଇଟି ଗୌହାଟିର ଆସିଷ୍ଟାଣ୍ଟ ପ୍ରଫେସର ହର୍ଷ ଚତୁର୍ବେଦୀ ଫ୍ରାଗ୍ରାନ୍ସ ଆଣ୍ଡ୍ ଫ୍ଲାୱାର ଡେଭଲପମେଣ୍ଟ ସେଣ୍ଟର ସହାୟତାରେ ପରଫ୍ୟୁମ ଓ ଡିଓ ଆଧାରିତ ସାନିଟାଇଜର ପ୍ରସ୍ତୁତ କରିଛନ୍ତି । ଏହା ମନଲୋଭା ସୁଗନ୍ଧ ଦେବା ସହ କରୋନା ଭୂତାଣୁଠାରୁ ୭ ରୁ ୧୦ ଘଣ୍ଟା ସୁରକ୍ଷିତ ରଖିପାରିବ ବୋଲି ସେମାନେ କହିଛନ୍ତି । ଏହି ସ୍ୱତନ୍ତ୍ର ସାନିଟାଇଜରର ପୋଷାକରେ ଏବଂ କାଖତଳେ ଲଗାଯାଇପାରିବ । ୨୦୧୩ରେ ଉତ୍ତୀର୍ଣ୍ଣ ହୋଇଥିବା ଆଇଆଇଟି ଛାତ୍ର ଆଂଶିକଙ୍କ କହିବା ଅନୁସାରେ ଏହି ସାନିଟାଇଜର ଡିଓ ପ୍ରସ୍ତୁତି ଲାଗି ୮୦ ପ୍ରତିଶତ ଇଥାଇଲ ଆଲକୋହଲ, ୧୦ପ୍ରତିଶତ ଗ୍ରୀନ୍ ଅଏଲ ଏବଂ ୧୦ ପ୍ରତିଶତ ମଏଶ୍ଚରାଇଜର ତଥା ନ୍ୟୁଟ୍ରୋଜିନା ଅଏଲ୍ ମିଶାଯାଇଥିବା ବେଳେ ମନକୁ ଖୁସି ଓ ଶାନ୍ତି ରଖିବା ଲାଗି ଲାଭେଣ୍ଡର, ୟୁକାଲିପଟାସ ଆଦି ସୁଗନ୍ଧଯୁକ୍ତ ତେଲ ମିଶାଯାଇଛି । ଏହା ସମ୍ପୂର୍ଣ୍ଣ ରୂପେ ହର୍ବାଲ ସାନିଟାଇଜର ହୋଇଥିବା ବେଳେ ୨୫୦ ମି.ଲି.କୁ ୨୫୦ଟଙ୍କା ରଖାଯିବ । ଚଳିତ ମାସରେ ଏହି ସାନିଟାଇଜର ବଜାରରେ ଉପଲବ୍ଧ ହେବ ବୋଲି ଆଂଶିକ କହିଛନ୍ତି ।

ପୋଷାକରେ କରୋନା କାହାଣୀ

ଇଲିଏନସ୍‌ରେ ରହୁଥିବା ୧୮ବର୍ଷର ଜଣେ ଯୁବତୀ ଏବେ ଇଣ୍ଟରନେଟ୍‌ରେ ଚର୍ଚ୍ଚିତ ହୋଇଯାଇଛନ୍ତି । ଏକାଧିକ ଟେପ୍ ବ୍ୟବହାର କରି ସେ ଏପରି ଏକ ପୋଷାକ ତିଆରି କରିଛନ୍ତି, ଯେଉଁଥିରେ କରୋନା କାହାଣୀ ବର୍ଣ୍ଣନା କରାଯାଇଛି । ପେଟୋନ୍ ମେଙ୍କର ନାମକ ଏହି ଯୁବତୀ ପ୍ରୋମ୍ ପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରିଥିଲେ । ଏହି ପ୍ରତିଯୋଗିତା ପେଟୋନ୍‌ଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା । ସେ ଆରମ୍ଭରୁ ଲିଓନାର୍ଡୋ ଦା ଭିନ୍‌ସିଙ୍କ ଡିଜାଇନ୍ ଅନୁସାରେ ପୋଷାକ ତିଆରି କରିବାକୁ ଇଚ୍ଛା କରିଥିଲେ ବି ତାଲାବନ୍ଦ ଯୋଗୁ ସୁବିଧା ହୋଇନଥିଲା । ତେଣୁ ସେ କରୋନା ସଂକ୍ରମଣର କାହାଣୀକୁ ନେଇ ପୋଷାକ ପ୍ରସ୍ତୁତ କରିବାକୁ ଯୋଜନା କଲେ । ଏଥିପାଇଁ ତାଙ୍କ ୪୦୦ ଘଣ୍ଟା ସମୟ ଲାଗିଥିଲା । କାଳେ ସହପାଠିନୀମାନେ ତାଙ୍କ ପୋଷାକ ଦେଖି ପରିହାସ କରିବେ, ସେଥିପାଇଁ ସେ ଏହା ସେମାନଙ୍କଠାରୁ ଲୁଚାଇ ରଖିଲେ । ତେବେ ପେଟୋନ୍‌ଙ୍କ ମା' ସୁଜି ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷାକର ଫଟୋ ଶେୟାର କରିବା ପରେ ଏହା ଖୁବ୍ ଭାଇରାଲ ହେବାରେ ଲାଗିଲା । ଏହି ଫଟୋ ୨୫ହଜାର ଥର ଶେୟାର କରାଯାଇସାରିଲାଣି । ଏଥିରେ ସେ ମାସ୍କ ପିନ୍ଧିଥିବା ଡାକ୍ତର, କରୋନା ପ୍ରଭାବରୁ ମୁକ୍ତ ରହିବା ଲ । ଗ ଭୟରେର ଧାଉଁଥିବା ଲୋକ, ଏପରିକି ଏହି ମହାମାରୀ ଦେଖି ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଥିବା ଲୋକଙ୍କୁ ଦେଖାଇଛନ୍ତି । ପ୍ରୋମ୍ ପ୍ରତିଯୋଗିତା ଜୁଲାଇ ୨୧ରେ ହେବାକୁ ଥିବା ବେଳେ ତାଙ୍କ ପୋଷାକ ସାରା ବିଶ୍ୱରେ ଏତେ ଚର୍ଚ୍ଚିତ ହୋଇସାରିଥିବା ଦେଖି ପେଟୋନ୍ ଖୁସିରେ ଆତ୍ମହରା ହୋଇଯାଇଛନ୍ତି । ବିଶ୍ୱବାସୀଙ୍କର ପ୍ରଶଂସା ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ପ୍ରତିଯୋଗିତାରୁ ଯାହା ଅର୍ଥ ମିଳିବ, ସେସବୁ ସେ କଲେଜ ପାଣ୍ଠିରେ ଜମା କରିଦେବେ ବୋଲି ପେଟୋନ୍ କହିଛନ୍ତି ।

ସବୁଠାରୁ ଦାମୀ ଅଙ୍ଗୁର

ନାଁ ହେଉଛି ରୁବି ରୋମାନ୍ । ମିଠା ରସରେ ଭରପୂର । ଏହା ହେଉଛି ଜାପାନ୍‌ରେ ଉତ୍ପାଦିତ ଏକ ସ୍ୱତନ୍ତ୍ର ପ୍ରକାରର ଅଙ୍ଗୁର ଯାହାକୁ ଏବେ ବିଶ୍ୱର ସବୁଠୁ ଦାମୀ ଅଙ୍ଗୁର କୁହାଯାଉଛି । କହିବାକୁ ଗଲେ ଅଙ୍ଗୁରର ଦାମ୍ କିଲୋ ପିଛା ଭାରତୀୟ ମୁଦ୍ରାରେ ୭ ଲକ୍ଷ ୫୦ ହଜାର ଟଙ୍କା ହେବ । ଗତ ୧୨ ବର୍ଷ ମଧ୍ୟରେ 'ରୁବି ରୋମାନ' ଅଙ୍ଗୁରର ଏହା ହେଉଛି ସର୍ବାଧିକ ମୂଲ୍ୟ । ରୁବି ରୋମାନ୍ ଗୋଟିଏ ଅଙ୍ଗୁରର ଓଜନ ୨୦ ଗ୍ରାମ୍‌ରୁ ବି ଅଧିକ ହୋଇଥାଏ । ଇଶିକୋୟା ପରଫେକ୍‌ବୁଆଲ ନାମକ ଏକ ସଂସ୍ଥା ଏହି ମୂଲ୍ୟବାନ ଅଙ୍ଗୁର ଉତ୍ପାଦନ କରୁଛନ୍ତି ।



ସରୋବରରେ ରହିଛି ନାଗମଣି

ଭାରତରେ ଆଜି ବି ଅନେକ ଅଜ୍ଞାତ ସ୍ଥାନ ଅଛି, ଯେଉଁଠି ବିଶ୍ୱାସ କରାଯାଏ ଯେ ବହୁମୂଲ୍ୟ ଧନସମ୍ପତ୍ତି ଲୁକ୍କାୟିତ ରହିଛି । ହେଲେ ସେଇ ଧନସମ୍ପତ୍ତି କାହାର ହାତକୁ ଆସିନାହିଁ । କୁହାଯାଏ ଯେ ସେଇ ସ୍ଥାନରେ ଥିବା ଗୁପ୍ତ ମାର୍ଗ ଲୋକଙ୍କୁ ମୂଲ୍ୟବାନ ଧନସମ୍ପତ୍ତି ପର୍ଯ୍ୟନ୍ତ ନେଇଯାଇଥାଏ । ହେଲେ ସେଇ ଗୁପ୍ତ ମାର୍ଗ ପର୍ଯ୍ୟନ୍ତ ଯିଏ ପହଞ୍ଚିଛି ତା'ର ଜୀବନ ଚାଲିଯାଇଛି । ଏମିତି ଏକ ସ୍ଥାନ ହେଉଛି କୁସୁମ ସରୋବର । ଭାରତର ଉତ୍ତର ପ୍ରଦେଶ ରାଜ୍ୟ ମଥୁରା ଜିଲ୍ଲାରେ ଅବସ୍ଥିତ । ଏହି ସରୋବର ଗୋବର୍ଦ୍ଧନ ଏବଂ ରାଧା କୁଣ୍ଡ ମଝିରେ ଥିବା ପବିତ୍ର ଗୋବର୍ଦ୍ଧନ ପର୍ବତରେ ରହିଛି । ଏହା ପାଖରେ ନାରଦ କୁଣ୍ଡ ଅବସ୍ଥିତ । ଏହିଠାରେ ନାରଦ ଭକ୍ତି ସୂତ ଛନ୍ଦ ଲେଖିଥିଲେ । ହେଲେ କୁସୁମ ସରୋବର ଏମାନଙ୍କଠାରୁ ଭିନ୍ନ । କୁସୁମ ସରୋବର ଦେଖିବାକୁ ଯେତିକି ସୁନ୍ଦର ସେତିକି ରହସ୍ୟମୟ ମଧ୍ୟ । ପୌରାଣିକ ମାନ୍ୟତା



ଅନୁସାରେ ଭଗବାନ କୃଷ୍ଣ ରାଧାଙ୍କୁ ଦେଖା କରିବାକୁ କୁସୁମ ସରୋବରକୁ ଆସୁଥିଲେ । ଏହି ସ୍ଥାନ ରାସ କ୍ରୀଡ଼ା ପାଇଁ ମଧ୍ୟ ପରିଚିତ । କିନ୍ତୁ ଏହି ସ୍ଥାନକୁ ନେଇ ଏକ ରହସ୍ୟମୟ ତଥ୍ୟ ଯୋଡ଼ି ହୋଇଛି । ଲୋକଙ୍କ ବିଶ୍ୱାସ ଯେ କୁସୁମ ସରୋବରରେ ପରଶ ମଣି ଏବଂ ଇଚ୍ଛାଧାରୀ ନାଗ ମଣି ରହିଛି, ଯାହାର ମୂଲ୍ୟ ବହୁ ଅଧିକ । ବହୁ ଲୋକ ଏହି ମୂଲ୍ୟବାନ ଜିନିଷକୁ ପାଇବାକୁ ଚେଷ୍ଟା କରିଛନ୍ତି । ହେଲେ କାହାର ହାତରେ ଆସ ନାହିଁ । କୌଣସି ବି ଲୋକ ସରୋବର ସେଇ ମାର୍ଗ ପର୍ଯ୍ୟନ୍ତ ପହଞ୍ଚିପାରିନାହାନ୍ତି, ଯେଉଁଠି ପରଶ ମଣି ଏବଂ ନାଗମଣି ରହିଛି । କୁହାଯାଏ ଯେ ସେଇ ମୂଲ୍ୟବାନ ମଣିକୁ ହାସଲ କରିବା ଚକ୍କରରେ ବହୁତ ଲୋକ ସେମାନଙ୍କ ଜୀବନ ଦେଇଛନ୍ତି । ଯେଉଁ ବି ବ୍ୟକ୍ତି ମଣିର ସନ୍ଧାନରେ ଆସନ୍ତି କିଏ ଅନ୍ଧ ହୁଏ ତ ଆଉ କାହାର ଗୋଡ଼ହାତ ଅଚଳ ହୋଇଯାଏ । ତେରୁ ଏହି କାରଣରୁ ସରୋବରରେ କେହି ବ୍ୟକ୍ତି ଗାଧୋଇ ନଥାନ୍ତି । ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ କେବଳ ବାହାରୁ ସରୋବରର ସୌନ୍ଦର୍ଯ୍ୟ ଦେଖି ଫେରିଥାନ୍ତି । ଐତିହ୍ୟ ମାନ୍ୟତା ଅନୁସାରେ ୧୬୭୫ରେ ଓର୍ଚ୍ଚା ଶାସନ ବୀର ସିଂହଙ୍କ ଦ୍ୱାରା ସରୋବରକୁ ପୁନରୁଦ୍ଧାର କରାଯାଇଥିଲା । ଏହାପରେ ରାଜା ସୂରଜ ମଲ ତାଙ୍କ ସ୍ତ୍ରୀଙ୍କ ପାଇଁ ଏହି ସରୋବରକୁ ନୂଆ ରୂପ ଦେଇଥିଲେ । ମହାରାଜା ସୂରଜ ମଲଙ୍କ ପୁଅ ଜୱାହର ସିଂହ ୧୭୬୪ରେ ପିତାଙ୍କ ଉଦ୍ଦେଶ୍ୟରେ ଏହି ସ୍ଥାନରେ ସ୍ମାରକ ତିଆରି କରିଥିଲେ ।

ବିଲେଇଠାରୁ ଦୂରେଇ ରହନ୍ତୁ

ବିଲେଇ ଏକ ଗୃହପାଳିତ ପଶୁ । ପିଲାମାନଙ୍କୁ କୁକୁର, ବିଲେଇଙ୍କ ସହ ଖେଳିବାକୁ ଭଲ ଲାଗେ । କିନ୍ତୁ ଏହି ବିଲେଇ ମଣିଷ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏଭଳି ସତର୍କ ସୂଚନା ମିଳିଛି ଏକ ଗବେଷଣାରୁ । ପୋଷା ବିଲେଇ ଓ ମାନସିକ ରୋଗ ବିଷୟବସ୍ତୁକୁ ନେଇ ବ୍ରିଟେନ୍‌ସ୍ଥିତ ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନ୍‌ର ମନୋବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ । ପ୍ରତିଦିନ ବିଲେଇ ସହ ଘଣ୍ଟା ଘଣ୍ଟା ବିତାଉଥିଲେ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଲା ଯେ ଏମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ ମାନସିକ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା । ବିଶେଷଜ୍ଞମାନେ କହିଛନ୍ତି ଯେ, ପୋଷା ବିଲେଇ ସହ ଅଧିକାଂଶ ସମୟ ବିତାଇଲେ ତାହାର ପ୍ରଭାବ ସଂପୃକ୍ତ ବ୍ୟକ୍ତିଙ୍କର ମାନସିକ ସ୍ଥିତି ଉପରେ ପଡ଼ିଥାଏ । ପୁଣି ଭବିଷ୍ୟତରେ ସେହି ବ୍ୟକ୍ତି ମାନସିକ ରୋଗଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଏଭଳି କଥା ସମ୍ପର୍କରେ କିପରି ଅଧିକ ତଥ୍ୟ ମିଳିପାରିବ ସେ ନେଇ ଉକ୍ତ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଚେଷ୍ଟା ଜାରି ରଖିଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏଲଏସିର ପରିସ୍ଥିତି...

ଚୀନ୍ ସହ ଜାରି ରହିଥିବା ସୀମା ବିବାଦ ଥମିବାର କୌଣସି ସୂଚନା ଜଣାପଡୁନାହିଁ । ଅପରପକ୍ଷରେ ପୂର୍ବ-ଲଦାଖର ଗଲୱାନ ଘାଟିଠାରୁ ଆରମ୍ଭ କରି ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଚୀନର ପିପୁଲ୍ସ ଲିବେରେସନ୍ ଆର୍ମି (ପିଏଲଏ) ସେମାନଙ୍କର ପୂର୍ବ ଖୋଇ ପ୍ରଦର୍ଶନ କରି ସମୟାନ୍ତରେ ବାସ୍ତବ ନିୟନ୍ତ୍ରଣ ରେଖାରେ ଅନୁପ୍ରବେଶ ପ୍ରୟାସ ଜାରି ରଖିଛନ୍ତି । ଗତ ସପ୍ତାହରେ ମସ୍କୋଠାରେ ଭାରତ ଏବଂ ଚୀନର ବୈଦେଶିକ ମନ୍ତ୍ରୀ ଯେଉଁ ପାଞ୍ଚସୂତ୍ରୀ ଫର୍ମୁଲାରେ ଏଲଏସିରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ସକାଶେ ସହମତ ହୋଇଥିଲେ, ତାହା କେବଳ ଧୂଆବାଣ ବୋଲି ପ୍ରତୀୟମାନ ହୋଇଛି । ଚୀନ୍ ପକ୍ଷରୁ ଏବେ ଭାରତକୁ ଯୁଦ୍ଧ ଧମକ ଦିଆଯାଇଥିବା ଜଣାପଡ଼ିଛି । ଚୀନର ସରକାର ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସର ସମ୍ପାଦକୀୟରେ ପ୍ରକାଶ ପାଇଛି ଯେ, ଚୀନ୍ ଭାରତ ସହ ସୀମାଯୁଦ୍ଧ ପ୍ରସ୍ତୁତ ଅଛି । ଏଥିରେ ଭାରତ ପକ୍ଷରୁ ସୀମାରେ ଅଶାନ୍ତି ସୃଷ୍ଟି କରାଯାଉଛି ବୋଲି ଓଲଟା ଆକ୍ଷେପ କରାଯାଇଛି । ଏହା ହେଉଛି ଚୀନର ଅସଲ ସ୍ୱରୂପ ଏବଂ ଅନ୍ୟ କୌଣସି ରାଷ୍ଟ୍ର ତାହା ଉପଲବ୍ଧି କରୁ ଅବା ନକରୁ, ଭାରତ ତାହା ଅତୀତରେ ଅଙ୍ଗେ ନିଭେଇଛି ଏବଂ ତାହାର ପ୍ରତ୍ୟେକ୍ଷ ପ୍ରମାଣ ପାଇଚାଲିଛି । ଚୀନ୍ ସଦାବେଳେ ଅକୃତଜ୍ଞ ଏବଂ ବିଶ୍ୱାସଘାତକତା କରିବାରେ ସିଦ୍ଧହସ୍ତ । ଏହା ସେ ଦେଶର ଏକ ସହଜାତ ସ୍ୱାଭାବ । ୧୯୬୦ ଦଶକଠାରୁ ଆରମ୍ଭ କରି ଅଦ୍ୟାବଧି ଚୀନ୍‌ର ଶାସନ କ୍ଷମତାରେ ଅନେକ ପରିବର୍ତ୍ତନ ଘଟିଛି ସତ, ହେଲେ ଏହାର ବୈଦେଶିକ ନୀତି ଏବଂ ସଂପ୍ରସାରଣବାଦ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ । ତେଣୁ ଯେହେତୁ ଭାରତ ସହ ଏହାର ଦୀର୍ଘତମ ସ୍ଥଳସୀମା ସଂଯୁକ୍ତ ରହିଛି, ଭାରତକୁ ଅସ୍ଥିର ରଖିବା ଓ ଏହା ଉପରେ ଚାପ ପ୍ରୟୋଗ କରିବା ହେଉଛି ବେଜିଂ ନେତୃବର୍ଗଙ୍କ ଅସଲ ଉଦ୍ଦେଶ୍ୟ । ଏହା ବ୍ୟତୀତ ବିଶ୍ୱ ରାଜନୀତିରେ ଯଦି ପାକିସ୍ତାନ ପରେ କୌଣସି ରାଷ୍ଟ୍ର ଅସୂୟାର ଶରବ୍ୟ ହୋଇଥାନ୍ତି ତେବେ ତାହା ଚୀନ୍ । ଆମେରିକାଠାରୁ ୟୁରୋପ ପର୍ଯ୍ୟନ୍ତ ସଭିଏଁ ଏବେ ଚୀନ୍ ବିପକ୍ଷରେ । ପୁନଶ୍ଚ, ଏସିଆ ମହାଦେଶରେ ଭାରତର ଅନ୍ୟତମ ମହାଶକ୍ତି ଭାବେ ଭାରତର ଉତ୍‌ଥାନକୁ ଚୀନ୍ ନାପସନ୍ଦ କରେ । ତେଣୁ କେବଳ ଭାରତ ସହ ସୀମାଯୁଦ୍ଧ ନୁହେଁ, ଭାରତର ଅନ୍ୟ ପ୍ରତିବେଶୀ ରାଷ୍ଟ୍ରଙ୍କୁ ମଧ୍ୟ ନୂଆଦିଲ୍ଲୀ ବିପକ୍ଷରେ କରିବା ଲାଗି ଚୀନ୍ ତା'ର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛି । ଚୀନ୍‌ର ଏଭଳି ପ୍ରତାରଣାମୂଳକ ଆଭିମୁଖ୍ୟ ସଂପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦକୁ ମଧ୍ୟ ଅବଗତ କରାଇଛନ୍ତି ଏବଂ ଭାରତୀୟ ସେନା ଶାନ୍ତି ଚାହିଁଲେ ସୁଦ୍ଧା ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ବୋଲି ଦେଶକୁ ଆଶ୍ୱାସନା ଦେଇଛନ୍ତି । ତେଣୁ ଆସନ୍ତା ନଭେମ୍ବର ମାସ ସୁଦ୍ଧା ଯଦି ଚୀନ୍ ସହ ଏକ ସୀମିତ ଯୁଦ୍ଧ ସଂଘଟିତ ହୁଏ, ତେବେ ବିଶ୍ୱର ସାମ୍ପ୍ରତିକ ସ୍ଥିତିରେ ଏହାର ପ୍ରତିକୂଳ ପ୍ରଭାବ ବିଶ୍ୱ ଉପରେ ନିଶ୍ଚିତ ରୂପେ ଅନୁଭୂତ ହେବ । ସାମରିକ ଦୃଷ୍ଟିରୁ ଚୀନ୍ ନିଶ୍ଚିତ ରୂପେ ଏକ ପ୍ରମୁଖ ଶକ୍ତି । କିନ୍ତୁ ବେଜିଂ କର୍ତ୍ତୃପକ୍ଷ କଦାଚିତ୍ ଭାରତକୁ ୧୯୬୨ ଆଇନାରେ ଦେଖିବା ଉଚିତ ହେବନାହିଁ । ଏହା ହୁଏତ ସେମାନଙ୍କ ପାଇଁ ମହାଭୁଲ୍ ହୋଇପାରେ । ଭାରତ ଇତିମଧ୍ୟରେ ଏକ ପ୍ରମୁଖ ସାମରିକ ଶକ୍ତି ରୂପେ ଉଭା ହୋଇସାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏବେ ଭାରତ ସପକ୍ଷରେ ସମଗ୍ର ବିଶ୍ୱର ସମର୍ଥନ ରହିଛି । ତେଣୁ ଭାରତ ସହ ସୀମା ଯୁଦ୍ଧର ପରିମାଣ ଯାହା ହେଉନା କାହିଁକି, ଏହି ଯୁଦ୍ଧରେ ଚୀନ୍‌କୁ କେବଳ ଭାରତ ନୁହେଁ, ବିଶ୍ୱ ଚାପକୁ ମଧ୍ୟ ସାମ୍ନା କରିବାକୁ ପଡ଼ିପାରେ । ଯଦି ଯୁଦ୍ଧ ସଂଘଟିତ ହୁଏ, ତେବେ ତାହା ଶେଷ ହେବାବେଳକୁ ଚୀନ୍ ବିଶ୍ୱ ନଜରରେ ଏକାକୀ ଦଣ୍ଡାୟମାନ ହୋଇଥିବା ଏକ ଅପଶକ୍ତିର ମାନ୍ୟତା ମୁଣ୍ଡାଇ ସାରିଥିବ । କାରଣ ଅନ୍ତଃରାଷ୍ଟ୍ରୀୟ ସୀମାରେଖାକୁ ବଦଳାଇବାର କ୍ଷମତା କୌଣସି ମହାଶକ୍ତିର ନାହିଁ । ଏହାର କରିବା ଅର୍ଥ ସମଗ୍ର ବିଶ୍ୱକୁ ବେଖାତିର କରିବା ସଙ୍ଗେ ସମାନ । ତେଣୁ ସମସ୍ତଙ୍କ ଦୃଷ୍ଟିରେ ଏବେ ଘୃଣ୍ୟ ପାଲଟିଥିବା ଚୀନ୍ ଅସ୍ପୃଶ୍ୟ ବନିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଚୀନ୍ ଭାରତ ସମ୍ଭାବ୍ୟ ଯୁଦ୍ଧ ଏକବିଂଶ ଶତାବ୍ଦୀର ବିଶ୍ୱ ରାଜନୈତିକ ଶୃଙ୍ଖଳାରେ ଆମୂଳଚୂଳ ପରିବର୍ତ୍ତନ ଯେ, ନଘଟାଇବ ତାହା କିଏ କହିବ ? ଏହାର ପରିମାଣକୁ ସେ ଦେଶର ସର୍ବମୟ କର୍ତ୍ତା ସି ଜିନପିଙ୍ଗ୍ ଉପଲବ୍ଧି କରିବା ଉଚିତ । ବିଶ୍ୱକୁ କରୋନା ଭୂତାଣୁ ଉପହାର ଦେଇଥିବା ଚୀନ୍ ପୁଣି ଥରେ ବନ୍ଧୁକ ମୁନରେ ନିଜର ନାଲିଆଖି ଦେଖାଇବା ଚିନ୍ତାରୁ ନିବୃତ୍ତ ରହିବା ସମସ୍ତଙ୍କ ପାଇଁ ଶ୍ରେୟ ହେବ ।

ଚନ୍ଦ୍ରସେଣା...

ଡକ୍ଟର ରବିଶଙ୍କର ମହାପାତ୍ର

ଅଶୋକ ବନରେ ଆଦିମ ପ୍ରବୃତ୍ତି
କେବେ ଉଠିଥିଲା ଜାଗି
ଅନ୍ତରବାରତା ଜାଣିଥିଲେ ପ୍ରଭୁ
ଏବର ନଥିଲି ମାଗି।
ଶୃଙ୍ଗାର ଭିତରେ ଋଷ୍ୟଶୃଙ୍ଗ ଦେଖେ
ମହୋଲ୍ଲାସ ମହାତୀର୍ଥ
ଚନ୍ଦ୍ରସେଣା ହୋଇ ମରୁତ ନନ୍ଦନ
ଜୀବନ ଲାଗେ ବିଅର୍ଥ।
କାମନା କାମିନୀ କୋଳାକୋଳି ହୋଇ
ଅନ୍ତରକୁ ପାରେ ଛୁଇଁ
ବୃଷଭାନୁଜେମା ଚନ୍ଦ୍ରସେଣା ଠାରୁ
କି ଅବା ପାଇଲା ଚାହିଁ।
ନିଷ୍କାମ ପ୍ରେମର ଜ୍ୱଳନ୍ତ ଆଦର୍ଶ
ସମର୍ପିତ ମନୋଭାବ
ପୂର୍ବଜନ୍ମ ଇଚ୍ଛା ପଳବତୀ ସତ
ରହିଛି କିଛି ଅଭାବ।
ଆଜି ଏ ମାଟିରେ ନାରୀ ପାଇଁ ନର
ପୃଷ୍ଠା ପରେ ପୃଷ୍ଠା ଖୋଲେ
ନାରକୀୟକାଣ୍ଡ ଦେଖି ଏ ସମାଜ
ଚନ୍ଦ୍ରସେଣା ରୂପ ଭୁଲେ।
ସେଦିନ ଏଦିନ ଆଗକୁ ଦିଦିନ
ପୁରାଣ ଖୋଲିଲେ
ସମର୍ପଣର ଏ ଶେଷ ଶ୍ରେଷ୍ଠ ଦୃଶ୍ୟ
ଦେଖି ରହିଯିବ ଚାହିଁ।
ଧରା ତଳୁ ଦିନେ ଧରି ଅବଶୋଷ
ଚାଲି ଯାଉଥିବ ବାଟେ
ଝଲସି ଉଠିବ ଶ୍ରେଷ୍ଠଦାସରଏ
ସମର୍ପି ଇଚ୍ଛାରୁ ମୁଠେ।

+ ସାରସ୍ୱତ ମହାବିଦ୍ୟାଳୟ
କୁଆମରା, ମୟୂରଭଞ୍ଜ
ମୋ-୮୮୯୫୩୨୦୫୪୦

ଭାରତୀୟ ଦର୍ଶନ, ଦୃଷ୍ଟି ଏବଂ ବିଗ୍ରହ

ଗୋପାଳ ମହାପାତ୍ର

ଯେଉଁ ଭୂ-ଭାଗରେ ମନୁଷ୍ୟ ବସବାସ କରି ରହୁଥାଏ ସେଇ ଭୂ-ଭାଗକୁ ଦେଶର ସଜ୍ଞା ମିଳିଯାଇଥାଏ। ଅର୍ଥାତ୍ ଯେଉଁ ଭୂ-ଭାଗରେ ଲୋକଙ୍କ ବସବାସ ଥାଏ ତାକୁ ଦେଶ କୁହାଯାଏ। ଏଥିସହିତ ଦେଶର ଲୋକେ ଯେଉଁ ଜୀବନ ମୂଲ୍ୟ ଏବଂ ସିଦ୍ଧାନ୍ତର ବିକାଶ ଘଟାଇଥାନ୍ତି, ସେଇ ଆଧାରରେ ସେମାନଙ୍କର ଶ୍ରଦ୍ଧା, ଆସ୍ଥା ଏବଂ ବିଶ୍ୱାସର ଯେଉଁ କେନ୍ଦ୍ର ସୃଷ୍ଟି ହୋଇଥାଏ, ତାହା ଦେଶ ଭାବେ ପରିଚିତ ହେବାର ଏକ ଅନିର୍ବାର୍ଯ୍ୟ ତତ୍ତ୍ୱ। ଏହି ଦୃଷ୍ଟିରୁ ବିଗ୍ରହ କରାଗଲେ ଭାରତ ବର୍ଷ ହେଉଛି ବିଶ୍ୱର ପ୍ରାଚୀନତମ ରାଷ୍ଟ୍ର। ଆମର ଋଷି, ମୁନୀମାନେ ସେମାନଙ୍କର ସାଧନା ଏବଂ ତପସ୍ୟା ପରେ ଯେଉଁ ଗୁଢ଼ତତ୍ତ୍ୱ ପ୍ରକାଶ କରିଛନ୍ତି ତାହା କେବଳ ଭାରତ ବର୍ଷ ପାଇଁ ନୁହେଁ ସଂପୂର୍ଣ୍ଣ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଓ ସେହି ଦୃଷ୍ଟିକୋଣ ଭାରତକୁ ବିଶ୍ୱ ଗୁରୁ ବା ଜଗତ୍ ଗୁରୁ ଭାବେ ପରିଚିତ କରାଇ ପାରିଛି ଓ ପାରିବ ମଧ୍ୟ। ବୈଦିକ ଦର୍ଶନ, ଦୃଷ୍ଟି ଏବଂ ବିଗ୍ରହର ଆଧାରରେ ଭାରତ ବର୍ଷ ଯେ କେବଳ ଜ୍ଞାନ, ବିଜ୍ଞାନ, ସମୃଦ୍ଧି ଏବଂ ବିକାଶ କ୍ଷେତ୍ରରେ ଆଗକୁ ବଢ଼ିଛି ତା ନୁହେଁ ପରାକ୍ରମ ର ଦୃଷ୍ଟିରେ ମଧ୍ୟ ବିଶ୍ୱରେ ଅଗ୍ରଣୀ ହୋଇ ରହିଛି। ବିଶ୍ୱର ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠି କୌଣସି ନା କୌଣସି ସମୟରେ ଭାରତ ବର୍ଷର କେହି ନା କେହି ବ୍ୟକ୍ତି ଶୀର୍ଷ ସ୍ଥାନରେ ପହଞ୍ଚି ନାହିଁ। ବିଶ୍ୱରେ ଯେଉଁ ସୃଷ୍ଟିର ଉତ୍‌ଥାନ ହୋଇଥିଲା ତାହା କେବଳ ଆମର ଅଥବା ଆମ ବିଜ୍ଞାନର ଦୃଷ୍ଟିରେ ହୋଇନାହିଁ ବରଂ ଆମର ପରାକ୍ରମୀ ସମ୍ରାଟମାନଙ୍କର ପରାକ୍ରମ ଯୋଗୁଁ ହିଁ ହୋଇଛି ଓ ଏହା ହିନ୍ଦୁ କୁଶ ପର୍ବତମାଳାର ସୀମା ପାର ହୋଇ ବହୁଦୂର ପର୍ଯ୍ୟନ୍ତ ବିକଶିତ ହୋଇ ପହଞ୍ଚିପାରିଥିଲା। କିନ୍ତୁ ଏହି ପରାକ୍ରମି ମହାପୁରୁଷମାନେ ସେମାନଙ୍କର ଅହଂକାର ଯୋଗୁଁ ଅନ୍ୟ ଉପରେ ଆରୋପ ଲଗାଇ ନଥିଲେ କିମ୍ବା ନିଜର ଅହଂକାର ପାଇଁ ବିଜୟ ଅଭିଯାନ ଚଳାଇ ନଥିଲେ। ବରଂ ସେମାନେ ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା ପାଇଁ ସେମାନଙ୍କର ପରାକ୍ରମ ଏବଂ ଶକ୍ତିର ପ୍ରୟୋଗ କରିଥିଲେ। ଏହି ମହାପୁରୁଷମାନଙ୍କର ଜ୍ଞାନ ମଧ୍ୟ ବିବାଦ ପାଇଁ ନଥିଲା। ତର୍କମା ପାଇଁ ନଥିଲା। ସେମାନଙ୍କର ଶକ୍ତି ଅନ୍ୟକୁ ପୀଡ଼ା ଦେବାପାଇଁ ନଥିଲା। ସେମାନଙ୍କର ଯେଉଁ ସମୃଦ୍ଧି ଏବଂ ବିକାଶ ଥିଲା ତାହା ମଧ୍ୟ ଅହଂକାରର ସାଧନ ନଥିଲା। ବରଂ ବିଦ୍ୟା ଏବଂ ଜ୍ଞାନ ପାଇଁ ଥିଲା। ଧନ ଅନ୍ୟର ସହାୟତା ପାଇଁ ଥିଲା। ଶକ୍ତି ଅନ୍ୟର ପୀଡ଼ା ଦୂରୀକରଣ ଓ ପୀଡ଼ିତ ଲୋକଙ୍କ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ଏଇ ଦର୍ଶନ-ଦୃଷ୍ଟି ଏବଂ ବିଗ୍ରହକୁ ଆଧାର କରି ଭାରତ ବର୍ଷ ବିଶ୍ୱ ଗୁରୁ ହେବାର ମାନ୍ୟତା ପାଇଥିଲା।

କିନ୍ତୁ ପରମାତ୍ମାଙ୍କ ଏହି ସୃଷ୍ଟିରେ କିଛି ବି ସ୍ଥାୟୀ ବା ବିଶୁଦ୍ଧି ହୋଇ ସବୁଦିନ ରହିନାହିଁ କି ରହିପାରିବ ନାହିଁ। ସମୟର ସହ ତାଳ ମିଳାଇ ବିସଙ୍ଗତି ଓ ବିକୃତି ମଧ୍ୟ ଆସିଥାଏ ଓ ଏହା ମଧ୍ୟ ହୋଇଛି। ଏହି ବିସଙ୍ଗତି ଏବଂ ବିକୃତି କାରଣରୁ ୭୦୦ ରୁ ୮୦୦ ବର୍ଷ ପର୍ଯ୍ୟନ୍ତ ଭାରତ ବର୍ଷ ଯେ କେବଳ ରାଜନୈତିକ ଦୃଷ୍ଟିରୁ ପରାଧିନ ରହିଛି ତା ନୁହେଁ ବରଂ ଜୀବନର ସବୁ କ୍ଷେତ୍ରରେ ଲୋକେ ଅନେକ ପଛୁଆ ହୋଇଯାଇଛନ୍ତି। ଆମ ମହାପୁରୁଷମାନେ ଏ ଦେଶକୁ ସ୍ୱାଧୀନ କରିବା ପାଇଁ ବହୁବର୍ଷର ସଂଘର୍ଷ କରିଛନ୍ତି। ଏଇ ୭୦୦ ରୁ ୮୦୦ ବର୍ଷ ମଧ୍ୟରେ ଏମିତି ବି ଗୋଟିଏ ଦିନ ନାହିଁ ଯେଉଁଠି ଭାରତ ମାତାର କେହି ନା କେହି ସନ୍ତାନ ନିଜର ବଳିଦାନ ଦେଇନାହିଁ। ଏକଥା ମଧ୍ୟ ସତ୍ୟ ଯେ ଏତେ ଦୀର୍ଘ ସମୟ କୌଣସି ଦେଶ ପରାଧିନ ହୋଇ ରହିନାହିଁ। ଏବେ ଆମେ ସ୍ୱାଧିନ। ଆମର ସ୍ୱାଧିନତାର ଲଢ଼େଇ କେବଳ ରାଜନୈତିକ ଲଢ଼େଇ ନଥିଲା ବରଂ ଆମେ ଯେଉଁ ଦର୍ଶନ, ଦୃଷ୍ଟି ଏବଂ ବିଗ୍ରହ ପାଇଁ ବିଶ୍ୱ ଗୁରୁ ର ମାନ୍ୟତା ପାଇଥିଲେ ସେଇ ଦର୍ଶନ, ଦୃଷ୍ଟି ଏବଂ ବିଗ୍ରହକୁ ପୁନର୍ବାର ସ୍ଥାପନ କରିବାର ଲଢ଼େଇଥିଲା। ବ୍ୟକ୍ତି ରାଷ୍ଟ୍ର ଏବଂ ସମାଜର ଜୀବନରେ ସ୍ୱାଧିନତା, ଅଖଣ୍ଡତା ଏବଂ ସ୍ୱାୟତ୍ତତାର ଗୁରୁତ୍ୱ ରହିଛି। କିନ୍ତୁ ଏହା ଠାରୁ ଅଧିକ ଗୁରୁତ୍ୱ ହେଉଛି କୌଣସି ବ୍ୟକ୍ତି, କୌଣସି ସମାଜ, କୌଣସି ରାଷ୍ଟ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ସ୍ୱତନ୍ତ୍ରତା, ଅଖଣ୍ଡତା ଏବଂ ସ୍ୱାୟତ୍ତତା କୁ କେମିତି ସୁରକ୍ଷିତ ରଖିପାରିବ। ଏକଥା ସେହି ବ୍ୟକ୍ତି, ସେହି ସମାଜ ଏବଂ ସେହି ରାଷ୍ଟ୍ର କରିପାରିବ ଯିଏ ଶିକ୍ଷା ଏବଂ ଜ୍ଞାନ ଦୃଷ୍ଟିରୁ ସ୍ୱତନ୍ତ୍ର, ସଂପ୍ରଭୁ ଏବଂ ସ୍ୱାୟତ୍ତ। ଏଇଥିପାଇଁ ଆମର ଭାରତବର୍ଷରେ ଶିକ୍ଷା ଏବଂ ଜ୍ଞାନର ସ୍ୱତନ୍ତ୍ରତା ସଂପ୍ରଭୁତା ଏବଂ ସ୍ୱାୟତ୍ତତା ରକ୍ଷା କରାଯିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ।

ଶିକ୍ଷାର ସ୍ୱାୟତ୍ତତା, ସ୍ୱତନ୍ତ୍ରତା ଏବଂ ସଂପ୍ରଭୁତାର ପ୍ରଭାବ ସେଇ ଶିକ୍ଷାର ଜ୍ଞାନ ଏବଂ ବ୍ୟବସ୍ଥା ଉପରେ ପଡ଼ିଥାଏ ଯାହା କେବଳ ମନୁଷ୍ୟର ମସ୍ତିଷ୍କ ନୁହେଁ ବରଂ ହୃଦୟକୁ ମଧ୍ୟ ପରିମାର୍ଜିତ କରିଦେଇଥାଏ। ଯାହା ଆମର ରାଷ୍ଟ୍ରୀୟ ଜୀବନର ମୂଲ୍ୟ ଏବଂ ମୂଳରେ ପ୍ରତିଷ୍ଠିତ। ଏଣୁ ଭାରତ ବର୍ଷର ଏହି ଦର୍ଶନ, ଦୃଷ୍ଟି ଏବଂ ବିଗ୍ରହକୁ ବୁଝିବା, ଯେଉଁ ଆଧାରରେ ଆମର ଶିକ୍ଷାର ବିଗ୍ରହ, ଆମର ଜ୍ଞାନର ବିଗ୍ରହ, ଆମର ପୁରୁଷାର୍ଥ (ଧର୍ମ, ଅର୍ଥ, କାମ, ମୋକ୍ଷ)ର ବିଗ୍ରହ ଆମ ଜୀବନର ମୂଳ ଉଦ୍ଦେଶ୍ୟ ହେବା ଆବଶ୍ୟକ ଏବଂ ଏହା ଥିଲା ମଧ୍ୟ ତାକୁ ବୁଝିବା ଆବଶ୍ୟକ। ଭାରତ ବର୍ଷ କେବଳ ତାର ନୁହେଁ ସଂପୂର୍ଣ୍ଣ ମାନବ ଜାତିର ସୁରକ୍ଷା ପାଇଁ ପ୍ରତିବଦ୍ଧ ଥିଲା ଓ ରହିଛି। ଭାରତ ବର୍ଷର ଶିକ୍ଷା ଓ ବିଗ୍ରହ ମାନବ ଜାତିର ସୁରକ୍ଷାରେ ସଫଳ ମଧ୍ୟ ହୋଇପାରିଛି। ଆଜିର ସମସ୍ୟା, ବାତାବରଣକୁ ନେଇ ଆମେ ଚିନ୍ତା କରିବାର ଆବଶ୍ୟକତା ରହିଛି ଓ ଏହା ସ୍ୱଭାବିକ୍। ଏକଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ବିଭିନ୍ନ ସମୟରେ ଆମ ଆଗରେ ଆମ ସମାଜ ଆଗରେ ଅନେକ ସମସ୍ୟା ଦେଖାଦେଇଛି, ସମସ୍ୟା ମଧ୍ୟ ରହିଛି। କିନ୍ତୁ ଆମେ ଯଦି ଏଇ ସବୁ ସମସ୍ୟାର ସମାଧାନ ପାଇଁ ଆମ ଦର୍ଶନ, ଦୃଷ୍ଟି ବିଗ୍ରହ ଅର୍ଥାତ୍ ଜୀବନ ମୂଲ୍ୟର ଅନୁକୂଳ ବାଟ ବାହାର କରିନପାରିବା ତେବେ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବରଂ ସମସ୍ୟା ସବୁଦିନ ପାଇଁ ସ୍ଥାୟୀ ହୋଇରହିଯିବ। କିନ୍ତୁ ଆମକୁ ସମସ୍ୟାର ସ୍ଥାୟୀ ଓ ମଙ୍ଗଳକାରୀ ସମାଧାନ ବାହାର କରିବାକୁ ପଡ଼ିବ। ଆଗାମୀ ପିଢ଼ୀ କିପରି ସମସ୍ୟାର ସାମନା ନକରିବେ ଓ କିପରି ନୂଆ ସମସ୍ୟା ସୃଷ୍ଟି ନହେବ ସେ ବାବଦରେ ଚିନ୍ତା କରିବାକୁ ହେବ। ଆମର ପୁରୁଷାର୍ଥରେ ଧର୍ମରେ ମଧ୍ୟ ଅର୍ଥ, କାମ ଓ ମୋକ୍ଷ ସାମିଲ ହୋଇରହିଛି। ଅର୍ଥାତ୍ ଏସବୁ ପରସ୍ପରର ପରିପୂରକ। ଅର୍ଥରେ କାମ ମୋକ୍ଷ ସାମିଲ, ଏବଂ ମୋକ୍ଷରେ ମଧ୍ୟ ଧର୍ମ, ଅର୍ଥ, କାମ ସାମିଲ। ପୁରୁଷାର୍ଥ ନଥିଲେ ମୋକ୍ଷ କାଳଜୟୀ ହୋଇପାରିନଥାଏ। ଆଗାମୀ ପିଢ଼ୀ ଏଥିରେ ଯୋଡ଼ିହୋଇ ପାରିଲେ ଅନେକ ସମସ୍ୟାର ସ୍ୱତଃ ସମାଧାନ ହୋଇପାରିବ ଏବଂ ଏଥିପାଇଁ କୌଣସି ଆଇନ୍, ବିଧେୟକ ଏପରିକି ସରକାରୀ ହସ୍ତକ୍ଷେପର ଆବଶ୍ୟକତା ରହିବ ନାହିଁ। କେବଳ ଏତିକି ନୁହେଁ ଯେଉଁମାନେ ଏହି ଦର୍ଶନ, ଦୃଷ୍ଟି, ଏବଂ ବିଗ୍ରହକୁ ଗ୍ରହଣ କରିବେ ଏବଂ ଏହାକୁ ଆଧାର କରି କାର୍ଯ୍ୟକରିବେ ସେମାନେ ଯେ କେବଳ ନିଜର ନିର୍ମାଣ (ଉତ୍‌ଥାନ) କରିପାରିବେ ତାନୁହେଁ ସେମାନଙ୍କ ସହ ଜଡ଼ିତ ସମସ୍ତଙ୍କର ସଂରକ୍ଷଣ ଏବଂ ସଂବର୍ଦ୍ଧନ କରିପାରିବେ। ଯେତିକି ଅଧିକ ଲୋକ ଏହାକୁ ଗ୍ରହଣ କରିବେ ପ୍ରକୃତି ଓ ମାନବ ଜାତିର ସଂବର୍ଦ୍ଧନ ଓ ସଂରକ୍ଷଣ ମଧ୍ୟ ସେତିକି ସୁନିଶ୍ଚିତ ହେବ। ଏଇଥିପାଇଁ କୁହାଯାଏ ଯେ - ଧର୍ମୋ ରକ୍ଷତି ରକ୍ଷିତଃ।

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ଆମ ଦୂରଦର୍ଶନ

ଦିଲ୍ଲୀପ କୁମାର ସାହୁ

ଦୂରଦର୍ଶନ, ପ୍ରତିଭାରତୀୟଙ୍କର ଅତି ନିଜର ଓ ଆପଣାର ଗଣମାଧ୍ୟମ। ବିଶ୍ୱର ଏହି ବୃହତ୍ତମ ଲୋକସେବା ପ୍ରସାରକ ଯା ଭିତରେ ଷାଠିଏ ଦଶକ ଅତିକ୍ରମ କରିସାରିଲଣି। ୧୯୫୯ ମସିହା ସେପ୍ଟେମ୍ବର ୧୫ ତାରିଖରେ ଏକ ଛୋଟିଆ ଷ୍ଟୁଡିଓରୁ ସ୍ୱଳ୍ପଶକ୍ତି ସମ୍ପର୍ଣ୍ଣ ଟ୍ରାନ୍ସମିଟର ଦ୍ୱାରା ସୀମିତ ଅଞ୍ଚଳ ପାଇଁ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ କରିଥିବା ଦୂରଦର୍ଶନ ଆଜି ବିଶ୍ୱର ଅଧିକାଂଶ ଅଞ୍ଚଳରେ ତାର କାୟା ବିସ୍ତାର କରି ସାରିଲାଣି। ଶିକ୍ଷା, ସୂଚନା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦ୍ୱାରା ସମସ୍ତଙ୍କ ହୃଦୟ ଜିତି ପାରିଛି ଦୂରଦର୍ଶନ। DTH ବା Direct to home ସେବା ସହିତ ୧୪୦୦ରୁ ଅଧିକ ଟ୍ରାନ୍ସମିଟର, ୨୧ଟି ଚାନେଲ୍ ଏବଂ ହିନ୍ଦୀ ଓ ଇଂରାଜୀ ସହିତ ଅଠରଟି ଆଞ୍ଚଳିକ ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରି ସବୁ ଶ୍ରେଣୀ, ସମ୍ପ୍ରଦାୟ ଓ ସବୁ ବୟସର ଦର୍ଶକଙ୍କ ହୃଦୟ କୁ ଛୁଇଁ ପାରିଛି ଦୂରଦର୍ଶନ। SITE ବା Satellite Instructional Television Experiment ଯୋଜନାରେ ଓଡିଶାବାସୀ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇଲେ ୧୯୭୫ ମସିହାରେ। ଏହି ଯୋଜନା ୧୯୭୫ ମସିହା ଅଗଷ୍ଟ ପହିଲାରୁ ୧୯୭୬ ମସିହା ଜୁଲାଇ ୩୧ ତାରିଖ ଯାଏ କାର୍ଯ୍ୟକାରୀ ହୋଇଥିଲା। ସେତେବେଳେ କଟକରେ ପ୍ରତିଷ୍ଠିତ ଉପଗ୍ରହ ଦୂରଦର୍ଶନ କେନ୍ଦ୍ରରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଥିଲା ଓ ଅହମ୍ମଦାବାଦ ସ୍ଥିତ ଇଶ୍ରୋ ଭୂକେନ୍ଦ୍ରରୁ ଆମେରିକା ଦ୍ୱାରା ପ୍ରେରିତ ATS-6 ଉପଗ୍ରହକୁ ପଠାଯାଉଥିଲା। ଉଚ୍ଚ ଝରମ୍ପ ବା ସିଧାସଳଖ ସଙ୍କେତ ଗ୍ରହଣକାରୀ ଟେଲିଭିଜନ ଦ୍ୱାରା ଦର୍ଶକମାନେ ସେହି କାର୍ଯ୍

ସାଧାରଣତଃ ରଙ୍ଗବେରଙ୍ଗୀ ମାଛଗୁଡ଼ିକୁ ଆମେ ରଙ୍ଗିନ ମାଛ କହିଥାଉ । ଏହାବାଦ୍ କିଛି ମାଛଙ୍କର ପକ୍ଷ ବା ଲାଞ୍ଜ ଯଦି ରଙ୍ଗବେରଙ୍ଗୀ ହୋଇଥାଏ କିମ୍ବା ଶରୀରରେ କିଛି ଭିନ୍ନତା ଦେଖାଯାଏ ତାକୁ ମଧ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ । ଏହାକୁ ଗୃହର ଶୋଭା ବର୍ଦ୍ଧନ ପାଇଁ କେହି କେହି ଆକ୍ୱାରିୟମ୍‌ରେ ରଖନ୍ତି ତ କେହି ବାସ୍ତୁଦୋଷ ଦୂର ପାଇଁ ଏହି ରଙ୍ଗିନ ମାଛ ଓ ଆକ୍ୱାରିୟମ୍‌କୁ ବ୍ୟବହାର କରନ୍ତି । ଘର ଭିତରେ ଏହି ରଙ୍ଗିନ ମାଛର ଉପସ୍ଥିତି ମାନସିକ ଅବସାଦରୁ ଦୂର କରିଥାଏ । ଏବେ ଜାଣନ୍ତୁ ରଙ୍ଗିନ ମାଛଙ୍କ କିଛି କଥା ।




ରଙ୍ଗିନ ମାଛର କାହାଣୀ

ଆମ ଦେଶରେ ରଙ୍ଗିନ ମାଛର ଚାହିଦା ଅଧିକ । ସହରରେ ବସବାସ କରୁଥିବା ଲୋକମାନେ ଆକ୍ୱାରିୟମ୍‌ଟିଏ ଘରେ ରଖି ସେଥିରେ ରଙ୍ଗିନ ମାଛ ପାଳିଥା'ନ୍ତି । ଏବେ ଗାଁଗଣ୍ଡରେ ମଧ୍ୟ ଲୋକେ ଆକ୍ୱାରିୟମ୍ ରଖିବା ଆରମ୍ଭ କଲେଣି । ଏବେ ରଙ୍ଗିନ ମାଛ ଉତ୍ପାଦନ କେବଳ ଚେନ୍ନାଇ, ମୁମ୍ବାଇ ପରି କିଛି ବଡ଼ ସହରରେ ସୀମିତ । ପୃଥିବୀରେ ପ୍ରାୟ ଛ'ଶହରୁ ଆଠଶହ ପ୍ରକାର ରଙ୍ଗିନ ମାଛ ବିଭିନ୍ନ ପରିବେଶରେ ଦେଖିବାକୁ ମିଳିଥାଏ । ସମୁଦ୍ରର ଲୁଣି ପାଣି ହେଉ ଅବା ଖାର ଜଳରେ ଏମାନେ ଦେଖିବାକୁ ମିଳିଥା'ନ୍ତି । ଚିକିଲା ହ୍ରଦ ପରି ଲୁଣି ଜଳରାଶିରେ ପୁଣି ମଧୁର ଜଳ ପରିବେଶରେ ଅନେକ ପ୍ରକାର ସୁନ୍ଦର ରଙ୍ଗିନ ମାଛର ଉପସ୍ଥିତି ଆମ ଜଳଜ ପରିବେଶକୁ ଆକର୍ଷଣୀୟ କରିଥାଏ । ଭାରତରେ ଶହେରୁ ଊର୍ଦ୍ଧ୍ୱ ରଙ୍ଗିନ ମାଛ ପୋଖରୀ, ନଦୀ, ନାଳ, ଝରଣା ପରି ବିଭିନ୍ନ ମଧୁର ଜଳ ପରିବେଶରେ ଦେଖାଯାଇଥାନ୍ତି । ଆମ ଦେଶର ଜଳଜ ପରିବେଶରେ ମିଳୁଥିବା ରଙ୍ଗିନ ବିଦେଶୀ ମାଛଗୁଡ଼ିକର ଚାହିଦା ଆମ ଦେଶରେ ଅଧିକ । ଆମ ଦେଶର ଉତ୍ତର ପୂର୍ବାଞ୍ଚଳ ଓ ଦକ୍ଷିଣରେ ଅବସ୍ଥିତ ରାଜ୍ୟମାନଙ୍କର ଜଳଜ ପରିବେଶରେ ମିଳୁଥିବା ଅନେକ ପ୍ରକାର ଆକର୍ଷଣୀୟ ରଙ୍ଗିନ ମାଛ ବିଦେଶକୁ ରପ୍ତାନୀ ହେଉଛି । ପ୍ରତିବର୍ଷ ଭାରତକୁ ପ୍ରାୟ ୨୫୦ ଲକ୍ଷ ଟଙ୍କାର ଏହି ମାଛ ବିଦେଶକୁ ରପ୍ତାନି କରାଯାଇଥାଏ । ଏଥିମଧ୍ୟରୁ ନବେ ପ୍ରତିଶତ ମାଛ ପଶ୍ଚିମବଙ୍ଗ ବିମାନ ବନ୍ଦର ଦେଇ ପଠାଯାଇଥାଏ । ଏକ ତଥ୍ୟ ମୁତାବକ ପୃଥିବୀରେ ବାର୍ଷିକ ରଙ୍ଗିନ ମାଛ ବ୍ୟବସାୟ ୧୯୯୫ ମସିହା ସୁଦ୍ଧା ୪.୫ କୋଟି ଆମେରିକୀୟ ଡଲାର ଥିବା ବେଳେ ଏବେ ତାହା ୭.୦ କୋଟି ଆମେରିକୀୟ ଡଲାରରେ ପହଞ୍ଚିଛି । ଏସିଆ ମହାଦେଶ ୬୮ ପ୍ରତିଶତ, ଦକ୍ଷିଣ ଆମେରିକାରେ ୨୫ ପ୍ରତିଶତ ଓ ଅନ୍ୟାନ୍ୟ ଦେଶଗୁଡ଼ିକରେ ସମୁଦାୟ ୨୦ ପ୍ରତିଶତ ରଙ୍ଗିନ ମାଛ ଉତ୍ପାଦିତ ହୋଇପାରୁଛି ।

ଓଡ଼ିଶାରେ ରଙ୍ଗିନ ମାଛ ଚାଷ:

ବ୍ୟବସାୟିକ ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ରଙ୍ଗିନ ମାଛ ଚାଷ ବେଶୀ ଦିନର ନୁହେଁ । କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା), ଭୁବନେଶ୍ୱର ଉଦ୍ୟମରେ କେତେକ ଚାଷୀ ଏବେ ବ୍ୟବସାୟ ଭିତ୍ତିରେ ରଙ୍ଗିନ ମାଛ ଚାଷ ଆରମ୍ଭ କରିଛନ୍ତି । ସିଫାର ରଙ୍ଗିନ ମାଛ ବିଭାଗ ଚାଷୀଙ୍କୁ ତାଲିମ୍ ଦେବା ସଙ୍ଗେ ସଙ୍ଗେ ଗାଁ ଗଣ୍ଡାରେ ଏମାନଙ୍କ ପ୍ରଜନନ ଓ ଲାଳନପାଳନ ବିଷୟରେ ଅବଗତ କରାଯାଉଛି । ଏଯାବତ୍ ଓଡ଼ିଶାର କୋଡ଼ିଏଟି ଛୋଟ ବଡ଼ ଉତ୍ପାଦନ କେନ୍ଦ୍ରରେ ରଙ୍ଗିନ ମାଛ ଉତ୍ପାଦଦନ କରାଯାଉଛି । ଆମ ରାଜ୍ୟରେ ରଙ୍ଗିନ ମାଛର ଚାହିଦା ଅଧିକ ଥିବାରୁ ଚେନ୍ନାଇ, ମୁମ୍ବାଇ ଓ ଅନ୍ୟ ସ୍ଥାନଗୁଡ଼ିକରୁ ଏହି ମାଛ ରେଳ ବା ବିମାନ ଯୋଗେ ଓଡ଼ିଶା ଆସି ବିକ୍ରୟ କରାଯାଉଛି । କୁହାଯାଏ, ଗତ ପାଞ୍ଚବର୍ଷ ଭିତରେ ଓଡ଼ିଶାରେ ରଙ୍ଗିନ ମାଛର ବ୍ୟବସାୟ ଓ ଚାହିଦା ବହୁମାତ୍ରାରେ ବୃଦ୍ଧିପାଇଛି । ବର୍ତ୍ତମାନ ଓଡ଼ିଶାରେ ପଚାଶରୁ ଊର୍ଦ୍ଧ୍ୱ ଛୋଟ ବଡ଼ ରଙ୍ଗିନ ମାଛ ବ୍ୟବସାୟ ପ୍ରତିଷ୍ଠାନ ଥିବା ବେଳେ କେବଳ ଭୁବନେଶ୍ୱର ଓ କଟକରେ ପ୍ରାୟ କୋଡ଼ିଏଟି ଛୋଟ ବଡ଼ ଦୋକାନ ରହିଛି ।

ରଙ୍ଗିନ ମାଛ:

ରଙ୍ଗିନ ମାଛ ଅନେକ ପ୍ରକାର ଓ ଅନେକ ରଙ୍ଗର । ବଜାରରେ ଏହାର ଦାମ୍ ମଧ୍ୟ ଭିନ୍ନ ଭିନ୍ନ । ପ୍ରତ୍ୟେକ ମାଛର ପ୍ରଜାତି ଅନୁସାରେ ପ୍ରଜନନ ମଧ୍ୟ ପୃଥକ ହୋଇଥାଏ । କିଛି ମାଛ ଛୁଆ ଦେଉଥିବା ବେଳେ କିଛି ଅଣ୍ଡା ଦେଇଥା'ନ୍ତି । ଅଧିକ ପ୍ରଜନନ କରି ପାରୁଥିବା ଏକ ପ୍ରକାର ରଙ୍ଗିନ ମାଛ ହେଲା ଗମି । ଏମାନଙ୍କ ଦେହର ରଙ୍ଗ ଓ ଲାଞ୍ଜର ଆକୃତି ଅନୁସାରେ ଏମାନଙ୍କୁ ଅନେକ ନାମରେ ନାମିତ କରାଯାଇଛି । ଯେମିତିକି ସ୍ନିହରଟେଲ୍, ଫ୍ୟାନ୍‌ଟେଲ୍, ଭେଲ୍‌ଟେଲ୍, ପିନ୍‌ଟେଲ୍ । ଆଉ ଏକ ଛୁଆ ଦେଉଥିବା ମାଛ ହେଲା ବ୍ଲାକ୍‌ମୋଲି । ଏହା ଦେଖିବାକୁ ଖୁବ୍ ସୁନ୍ଦର । ଏମାନଙ୍କ ମଧ୍ୟରେର ସେଲ୍‌ଫିନ୍‌ମୋଲି, ଚକୋଲେଟ୍‌ମୋଲି, ମୁନ୍‌ଟେଲ୍‌ମୋଲି, ଧଳାମୋଲି, ଅରେଞ୍ଜମୋଲି, ଏବଂ ବେଲୁନ୍‌ମୋଲି ଅନ୍ୟତମ । ଲାଞ୍ଜରେ ଖଣ୍ଡା ସଦୃଶ ବଢ଼ିଥିବା ପକ୍ଷ ଅଣ୍ଡିରା ସୋର୍ଡଟେଲ୍‌ରେ ଦେଖାଯାଏ । ଅନେକ ପ୍ରକାରର ଅନେକ ରଙ୍ଗର ସୋର୍ଡଟେଲ୍ ଦେଖାଯାଏ । ଯେମିତିକି ମାର୍ଭଲ, ପାଇନାପଲ୍, ଟସ୍କିଡୋ । ସେମିତି ଆଉ ଏକ ସୁନ୍ଦର ମାଛ ହେଲା ପ୍ଲାଟି । ଏହା ଦେଖିବାକୁ ଛୋଟ । ପ୍ଲାଟିର ବିଭିନ୍ନ ପ୍ରଜାତି ମଧ୍ୟରେ ରହିଛି ଭେଲ୍‌ଟେଲ୍, ଫ୍ରିଞ୍ଜଟେଲ୍, ପିନ୍‌ଟେଲ୍ ଏବଂ ରାଉଣ୍ଡ୍‌ଟେଲ୍ । ଅଣ୍ଡା ଦେବା ମାଛଗୁଡ଼ିକ ମଧ୍ୟରେ ଗୋଲ୍‌ଡଫିସ୍, ରଙ୍ଗିନ କାର୍ପ (କୋଇ), ବାର୍ବ, ରାସବୋରା, ଡାନିଓ, ଟେଟ୍ରା, କ୍ୟାଟ୍‌ଫିସ୍, ଗୌରାମୀ ଏବଂ ଫାଇଟର୍ ଆଦି ରହିଛନ୍ତି । ତେବେ ଅଣ୍ଡା ଦେବା ମାଛ ମଧ୍ୟରେ ଗୋଲ୍ଡଫିସ୍‌ର ଚାହିଦା ଖୁବ୍ ଅଧିକ । ଏମାନଙ୍କ ମଧ୍ୟରେ ଲାୟନ୍ ହେଡ୍, ଭେଲ୍‌ଟେଲ୍, ଟେଲିସ୍କୋପିକ୍ ଆଇ, କାଲିକୋ, ଗୋଲଡ, ସୁଭୁନ୍‌କିନ୍, ରେଡ୍‌କ୍ୟାପ୍, ବ୍ରିଷ୍ଟଲ୍‌ରେଡ, ପର୍ଲସ୍କେଲ୍ । କୋଇ ମାଛର ପ୍ରଜନନ ସାଧାରଣ କମନ୍ କାର୍ପ ଜାତୀୟ ମାଛପରି କରାଯାଇ ପାରୁଛି । ଏମାନଙ୍କ ମଧ୍ୟରେ ଦୁଇ ରଙ୍ଗର କୋଇ, ତିନି ରଙ୍ଗର କୋଇ ଓ ମାନିଲା କାର୍ପ ଅନ୍ୟତମ । ଅନେକ ପ୍ରକାର ବାର୍ବ ମାଛ ମଧ୍ୟ ଖୁବ୍ ଆକର୍ଷଣୀୟ ମନେହୁଅନ୍ତି । ଏହି କେରାଣ୍ଡି ଜାତୀୟ ମାଛ ମଧ୍ୟରେ ଟାଇଗର ବାର୍ବ, ଅରୁଲି ବାର୍ବ ଏବଂ ଟିନ୍‌ଫଏଲ୍ ବାର୍ବ ଅନ୍ୟତମ । ଟାଇଗର ବାର୍ବର ଦେହସାରା କଳା ରଙ୍ଗର ପଟା ପଟା ଦାଗ ଦେଖିବାକୁ ମିଳିଥାଏ । ଆମ ଦେଶର ରୋଜିବାର୍ବ (ରଙ୍ଗିନ କେରାଣ୍ଡି) ଦେଖିବାକୁ ଖୁବ୍ ସୁନ୍ଦର । ଗୌରାମୀ ମଧ୍ୟ ଅନ୍ୟତମ ରଙ୍ଗିନ ମାଛ । ଏହି ଗୌରାମୀ ମଧ୍ୟରେ ରହିଛି ନୀଳଗୌରାମୀ, ପର୍ଲ ଗୌରାମୀ, ଗୋଲଡେନ୍ ଗୌରାମୀ, ମୁନ୍ ଲାଇଟ୍ ଗୌରାମୀ ଏବଂ କିସିଙ୍ଗ୍ ଗୌରାମୀ । ସେହିପରି ଆଞ୍ଜେଲ୍ ଫିସ୍ ମଧ୍ୟ ଦେଖିବାକୁ ବେଶ୍ ସୁନ୍ଦର । ଆମ ଦେଶରେ ମିଳୁଥିବା ଗୌରାମୀ ବା କଉସୁଲି ଦେଖିବାକୁ ଖୁବ୍ ସୁନ୍ଦର । ଏହାଛଡ଼ା ଆମ ଦେଶରେ ମିଳୁଥିବା ଅନେକ ଦେଶୀ ମାଛ ମଧ୍ୟରେ ବିଭିନ୍ନ ପ୍ରକାର ଚନ୍ଦା ମାଛ, ଲୋଚ ବା ବୋଟିଆ, ଫଫର ମାଛ (ବେଙ୍ଗଫୁଲା ପରି ମାଛ) ଆଦିର ଖୁବ୍ ଚାହିଦା ବିଦେଶରେ ରହିଛି । ଏଠାରେ କୁହାଯାଇ ପାରେ ଯେ ଅନ୍ୟ ପ୍ରାଣୀଙ୍କ ପରି ରଙ୍ଗିନ ମାଛ କ୍ଷେତ୍ରରେ ମଧ୍ୟ ପୁରୁଷ ମାଛଟି ମାଈ ମାଛଠାରୁ ସୁନ୍ଦର ଓ ରଙ୍ଗବେରଙ୍ଗୀ ।

ଅଷ୍ଟ୍ରେଲିଆରେ କଉ

ବିନା ପାଣିରେ ବେଶ୍ କିଛି ଦିନ ବଞ୍ଚିପାରୁଥିବା ତଥା ଗଛ ଚଢ଼ିପାରୁଥିବା କଉର ମୂଳ ବାସସ୍ଥାନ ହେଉଛି ଦକ୍ଷିଣ-ପୂର୍ବ ଏସିଆ ।

ଏହା ଲୁଣି ପାଣିରେ ମଧ୍ୟ ବଞ୍ଚିପାରେ । ଇଣ୍ଡୋନେସିଆ ଓ ପାପୁଆ ନିଉ ଗିନି ଦେଇ କଉ, ଅଷ୍ଟ୍ରେଲିଆରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି । କଉମାନେ ସେଠାରେ ଏତେ ସଂଖ୍ୟାରେ ବଂଶ ବଢ଼େଇଲେଣି ଯେ, ଶୁଖିଲା ଭୂଇଁରେ ବି ଦେଖିବାକୁ ମିଳୁଛନ୍ତି । କଉଙ୍କ ଦ୍ୱାରା ସ୍ଥାନୀୟ ପରିବେଶର ସନ୍ତୁଳନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଲାଣି । ସ୍ଥାନୀୟ ବଡ଼ ମାଛ ଓ ମାଛ ଖାଉଥିବା ପକ୍ଷୀ କଉଙ୍କ ଯୋଗୁ ବିପଦରେ ପଡ଼ିପାରନ୍ତି । ତେଣୁ, କଉ ମାରଣ ଅଭିଯାନ ଚାଲିଛି ।

ପାମୁକେଲ୍

ଗୁଡ଼ିଏ ପ୍ରାକୃତିକ ସନ୍ତରଣ କୁଣ୍ଡ ଭଳି ଦିଶୁଥିଲେ ହେଁ ପ୍ରକୃତରେ ଏହା ଏକ ଜଳପ୍ରପାତ । ତୁର୍କିରେ ଥିବା ଏହି ପ୍ରପାତର ନାମ

ପାମୁକେଲ୍ । ୫୨୫ ଫୁଟ୍ ଉଚ୍ଚତାରୁ ପ୍ରପାତଟି ଗୁଡ଼ିଏ ପ୍ରସ୍ତର କୁଣ୍ଡ ମଧ୍ୟ ଦେଇ ତଳକୁ ପଡୁଛି । ଏହି ପ୍ରପାତ ଜଳର ଔଷଧୀୟ ଗୁଣ ଥିବାରୁ ବିପଦ ଥିବା ସତ୍ତ୍ୱେ ଅନେକ ସ୍ନାନ କରନ୍ତି । ୧୯୮୮ରେ ଏହା 'ୟୁନେସ୍କୋ' ଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ପାଇଥିଲା ।

ସ୍ୱାସ୍ଥ୍ୟମନ୍ତ୍ର



ମୁଣ୍ଡ-ବୁଲା (ଭର୍ଟିଗୋ), ତୀବ୍ର ଦୃଷ୍ଟିଦୋଷ, ଆଲ୍‌ଝାଇମର୍ସ୍, ହାତ-ଗୋଡ଼ ମଧ୍ୟରେ ସମନ୍ୱୟର ଅଭାବ, ଅତ୍ୟଧିକ ଉଚ୍ଚ ରକ୍ତ-ଚାପ ଅଷ୍ଟିଓପୋରୋସିସ୍, ଆର୍ଥ୍ରାଇଟିସ୍ ଥିଲେ ଟ୍ରେଡ୍ ମିଲ୍‌ରେ ଦୌଡ ବିପଜ୍ଜନକ ହୋଇପାରେ । ହୃତ୍‌ପିଣ୍ଡ ଜନିତ କୌଣସି ଗୁରୁତର ବ୍ୟାଧି ଭୋଗୁଥିଲେ ଚିକିତ୍ସକଙ୍କ ପରାମର୍ଶ ବିନା ଏହା ବ୍ୟବହାର କରିବା ଅନୁଚିତ । ଏ ଭଳି କ୍ଷେତ୍ରରେ ସାଧାରଣତଃ ହୃତ୍‌ପିଣ୍ଡର ସ୍ପନ୍ଦନ ମାପି, ଟ୍ରେଡ୍ ମିଲ୍ ବ୍ୟବହାର କରନ୍ତୁ । ଅତି ଛୋଟ ଛୁଆ (ପାଞ୍ଚ-ସାତ ବର୍ଷ ବୟସ୍କ)ଙ୍କୁ ଏହା ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ । ଶସ୍ତା ଟ୍ରେଡ୍ ମିଲ୍ ବ୍ୟବହାର ଦ୍ୱାରା ଆଣ୍ଠୁ-ଗଣ୍ଠି, ନିତମ୍ବାସ୍ଥି ଉପରେ ଚାପ ପଡ଼େ ମୂଲ୍ୟବାନ ଟ୍ରେଡ୍ ମିଲ୍‌ରେ ଦୌଡ଼ିବା ବେଳେ ଏତେଟା ଚାପ ପଡ଼େନାହିଁ । ଷ୍ଟ୍ରେଚିଂ ତଥା ୱାର୍ମ୍-ଅପ୍ ବ୍ୟାୟାମ ପରେ ହିଁ ଟ୍ରେଡ୍ ମିଲ୍ ବ୍ୟବହାର କରନ୍ତୁ । ଏହା ପରେ ବା ପୂର୍ବରୁ ପୁସ୍-ଅପ୍, ବେଣ୍ଟ୍ ଡିପ୍, ଆର୍ ଡୋମେନ୍ କ୍ରଞ୍ଚ, ବ୍ୟାକ୍ ଏକ୍‌ସଟେନ୍‌ସନ୍, ଫ୍ରି ସ୍କ୍ୱାଟ୍, ପୁଲ୍ ଅପ୍‌ସ ତିନି ତିନି ସେଟ୍ କରନ୍ତୁ । ଏହା ଦ୍ୱାରା ଦୁଇ ପ୍ରକାର ବ୍ୟାୟାମ ମଧ୍ୟରେ ସମନ୍ୱୟ ରହେ । ଅତି ଧୀରେ ଟ୍ରେଡ୍ ମିଲ୍‌ରେ ଦୌଡ଼ିବା ବେକାର; କିଛି ଲାଭ ହୁଏନାହିଁ । ଏହାଦ୍ୱାରା ଘଣ୍ଟାରେ ଅତି ବେଶିରେ ୨୦୦ କାଲେରି ନଷ୍ଟ ହୁଏ । ବରଂ ଟ୍ରେଡ୍ ମିଲ ଖରାପ ହୁଏ ।

ଘରକୁ ଦିଅନ୍ତୁ ଜ୍ୟାମିତିକ ରୂପ

ଘରକୁ ନୂଆ ଲୁକ୍ ଦେବା ବେଳେ ସାଜସଜ୍ଜାରେ ଟିକେ ପରିବ ର୍ତ୍ତନ ଆବଶ୍ୟକ । ଆଜିକାଲି ଜ୍ୟାମିତିକ ଇଟ୍ରିଅର୍ ଟ୍ରେଣ୍ଡରେ ଅଛି । କୁଶନ କଭର୍, ପରଦା କିମ୍ବା ୱାଲ୍ ଡେକାଲ୍ ଆଦିରେ ଜ୍ୟାମିତିକ ପାଟର୍ଣ୍ଣ ଘରକୁ ଆଭିଜାତ୍ୟଭରା ଲୁକ୍ ଦେଇପାରିବ ।

ପରଦା ଓ କୁଶନ୍:

ଘରକୁ ଏକ ସ୍ମାର୍ଟ ଲୁକ୍ ଦେବାରେ ପରଦା ସ କୁଶନ୍‌ର ଭୂମିକା ରହିଛି । ପରଦା ଓ କୁଶନ ଯଦି ଜ୍ୟାମିତିକ ପାଟର୍ଣ୍ଣର ହୋଇଥାଏ ତେବେ ଆପଣଙ୍କ ଲିଭିଂ ରୁମ୍ ଆହୁରି ଆଧୁନିକ ଲାଗିବ । ବିଭିନ୍ନ ଭାବରେ ଗାର ଟଣା ହୋଇଥିବା କପଡ଼ାରେ ଆପଣ କୁଶନ୍ କଭର୍ ତିଆରି କରିପାରିବେ । ବିଶେଷ କରି ମଲ୍ଟି କଲର୍ ଜିଓମେଟ୍ରିକ୍ ପାଟର୍ଣ୍ଣ କୁଶନ୍ ଓ ପରଦାକୁ ଆହୁରି ସୁନ୍ଦର କରିଥାଏ ।

ୱାଲପେପର୍:

ଘରକୁ ଆକର୍ଷଣୀୟ ଲୁକ୍ ଦେବାରେ ୱାଲପେପର୍ ନିଶ୍ଚିତ ଭାବେ ସାହାଯ୍ୟ କରିଥାଏ । ଆଜିକାଲି ବଜାରରେ ଅଳ୍ପ ଦାମରେ ଖୁବ୍ ସୁନ୍ଦର ୱାଲପେପର୍ ମିଳୁଛି । ଜ୍ୟାମିତିକ ଡିଜାଇନ୍‌ର ୱାଲପେପର୍ ଲଗାଇ ଦିଅନ୍ତୁ । ସବୁବେଳେ ଫୁଲ, ପକ୍ଷୀ କିମ୍ବା ସିନେରି ପରିବର୍ତ୍ତେ ଜ୍ୟାମିତିକ ପାଟର୍ଣ୍ଣର ୱାଲ ପେପର୍ ନିଶ୍ଚିତ ଭାବେ ଘରକୁ ଏକ ଭିନ୍ନ ଲୁକ୍ ଦେଇପାରିବ ।

କାର୍ପେଟ୍:

ଆପଣମାନେ ସମସ୍ତେ କାର୍ପେଟ୍‌ରେ ଫ୍ଲୋରାଲ୍ ଡିଜାଇନ୍ ଦେଖିଥିବେ । ଅନେକ ଲୋକ ନିଜ ଘରେ ଫ୍ଲୋରାଲ୍ ପାଟର୍ନର କାର୍ପେଟ୍ ପକାଇବାକୁ ପସନ୍ଦ କରନ୍ତି । କିନ୍ତୁ ଲିଭିଂ ରୁମ୍‌ର ଡେକୋରେସନ୍ ବଦଳାଇବାକୁ ଚାହୁଁଥିଲେ ଜ୍ୟାମିତିକ ପାଟର୍ନର କାର୍ପେଟ୍ ଏବଂ ପାପୋଛ ପକାନ୍ତୁ । କାର୍ପେଟ୍ ସହିତ ମ୍ୟାଚ୍ କରି ଜ୍ୟାମିତିକ ୱାଲ୍ ପେପର୍ ମଧ୍ୟ ଲଗାଇଲେ ଘର ଏକ ମଡର୍ନ ଲୁକ୍ ପାଇବ ।

ଫର୍ନିଚର:

ଆଜିକାଲି ଜ୍ୟାମିତିକ ପାଟର୍ନର ଫର୍ଣ୍ଣିଚର୍ ମଧ ଟ୍ରେଣ୍ଡରେ ଅଛି । ଏଥିପାଇଁ ଆପଣ ହେକ୍ସାଗନ ବୁକ୍ ସେଲ୍ଫ କିଣିପାରନ୍ତି । ନହେଲେ ବୁକ୍ ସେଲ୍ଫକୁ ହନିକମ୍ବ ସେପ୍‌ରେ ତିଆରି କରି ରଙ୍ଗ ଦେଇପାରନ୍ତି । ଏହାଦ୍ୱାରା ଷ୍ଟଡି ରୁମ୍ ସ୍ମାର୍ଟ ଦେଖାଯିବ । ନହେଲେ ବୁକ୍ ସେଲ୍ଫ ପାଖରେ ଜିଓମେଟ୍ରିକ୍ ଡିଜାଇନ୍‌ର କୌଣସି ପେଣ୍ଟିଂ ଲଗାଇ ପାରନ୍ତି ।

ଫ୍ଲାୱାର ପଟ୍:

ଘର ସଜ୍ଜାରେ ଫୁଲ୍ କୁଣ୍ଡର ଭୂମିକା କେତେ ସେକଥା ଆଉ ନୂଆ କରି କହିବା ଦରକାର ନାହିଁ । ତେବେ ପାରମ୍ପାରିକ ଆକୃତିର କୁଣ୍ଡ ପରିବର୍ତ୍ତେ ଟିକେ ଭିନ୍ନ ଆକୃତିର କୁଣ୍ଡ ବାଛନ୍ତୁ । ଯେମିତିକି ତିନି କୋଣିଆ, ଚାରିକୋଣିଆ ଟବ୍ ।

ସାଧନା ସାହିତ୍ୟ ଏକାଡେମୀର କବିତା ପାଠୋତ୍ସବ ଓ ପୁସ୍ତକ ଲୋକାର୍ପଣ

ଭଦ୍ରକ, ୧୮।୯ (ହି.ସ) - ରାଜ୍ୟସ୍ତରୀୟ ସାହିତ୍ୟ, ସଂସ୍କୃତି, ସେବା ଓ ସମନ୍ୱୟର ପରିଚ୍ଛଦ ଭବେ ଗଢି ଉଠିଥିବା ସାଧନା ସାହିତ୍ୟ ଏକାଡେମୀର ମାସିକ କବିତା ପାଠୋତ୍ସବ ଭଦ୍ରକ କୁଆଁସସ୍ଥିତ ସାଧନା ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ସଂଯୋଜନାରେ ଇଂ ଅଭୟ ସୂତାର ସଭାପତିତ୍ୱ କରିଥିଲେ । ଏହି କବିତା ପାଠୋତ୍ସବ ଅବସରରେ ଭଦ୍ରକର ଆଦର୍ଶ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ଲିଖିତ ସ୍ମୃତି ଓ ସାନ୍ତ୍ୱନା ପୁସ୍ତକକୁ ଧାମନଗର ବିଧାୟକ ତଥା ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ଉନ୍ମୋଚନ କରି ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାରକୁ ଏହା ଏକ ଅମୂଲ୍ୟ ରତ୍ନ ତଥା ସାରସ୍ୱତ ସାଧନାର ଏହା ଆଉ ଏକ ଅଂକୁରଦମ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି କହିଥିଲେ । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଡାକ୍ତର କିରଣ ଚନ୍ଦ୍ର ଗୁଇଁ, ଗୀତାରାଣ ଆଇଚ, ଡ. ମମତା ସାହୁ, ରାମଚନ୍ଦ୍ର ସାହୁ, ଶଚିକାନ୍ତ ପଣ୍ଡା, ଶରତ ଚନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ସାଧନାରେ କବିତା ପୁସ୍ତକର ଆବଶ୍ୟକତା ଓ ସମାଜକୁ ଦିଗ୍‌ଦର୍ଶନ ଦେବାରେ କବିତାର ଭୂମିକା ସଂପର୍କରେ କହିଥିଲେ । ଏହାପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟବକ୍ତା ଭାବେ କବି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଯୋଗଦେଇ ବର୍ତ୍ତମାନର କରୋନା ଭଳି ମହାମାରୀ ସମୟରେ ସଚେତନ ରହି ସାମାଜିକ ଦୂରତ୍ୱ ବଜାୟ ରଖି ସମସ୍ତ କାର୍ଯ୍ୟକ୍ରମ କରିବା ଉଚିତ୍ ବୋଲି କହିବା କାଳରେ ସମାଜରେ ଗୀତି କବିତାର ଆବଶ୍ୟକତା ଓ ସଚେତନତା ସଂପର୍କରେ ଅବଗତ କରାଇଥିଲେ । ଏହି କବିତା ପାଠୋତ୍ସବରେ ସାମ୍ବାଦିକ ଜ୍ଞାନପ୍ରକାଶ ପାଣି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ସମାଜକୁ କବିତାର ଅବଦାନ ସଂପର୍କରେ ଆଲୋଚନା କରିବା ସହ ସମାଜରୁ କୁସଂସ୍କାର କିପରି ଦୂରେଇଯିବ, ସେ ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବସ୍ମିତା ମହାନ୍ତି, ପ୍ରାଚୀଲିପ୍ସା ମହାନ୍ତି, ସେକ୍ ଅବଦୁଲ ଦୟାନ, ଶ୍ରଦ୍ଧାଞ୍ଜଳି ମିଶ୍ର, ଦେବଦତ୍ତ ପଣ୍ଡା, ମହମ୍ମଦ ଅଲ୍ଲୀ ସବର, ଜାନକୀ ପାଢ଼ୀ, ବସନ୍ତ କୁମାର ପାତ୍ର, ରଶ୍ମିତା ଦାଶ, ଜ୍ୟୋତ୍ସ୍ନାମୟୀ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶିକ୍ଷା ସଂଯୋଜିକା ତଥା ଆଦର୍ଶ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ଓ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ । ଏହି ଅବସରରେ ସାଧନା ସାହିତ୍ୟ ଏକାଡେମୀ ପକ୍ଷରୁ ପୁସ୍ତକର ସ୍ରଷ୍ଟା ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ଶିକ୍ଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ବିଜୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ମୋଦୀଙ୍କ ଜନ୍ମ ଦିବସ ଉପଲକ୍ଷେ ବିଜେପି ମହିଳା ମୋର୍ଚ୍ଚା ତରଫରୁ ରୋଗୀଙ୍କୁ ଫଳ ବଂଟନ

ବାରିପଦା,୧୮।୯ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଜନ୍ମଦିନ ଅବସରରେ ବିଜେପି ତରଫରୁ ସେପଟେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟ' ସାରା ଭାରତରେ ସେବା ସପ୍ତାହ ପାଳନ କରାଯାଉଛି । ପଶ୍ଚିମ ମୟୁରଭ ମହିଳା ମୋର୍ଚ୍ଚା ତରଫରୁ ବୁଧବାର ଦିନ ସେବାକାର୍ଯ୍ୟ କରାଯାଇଛି । ଦଳ ତରଫରୁ ଆଜି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ରୋଗୀ ମାନଙ୍କୁ,ଦୁଇ ନମ୍ବର ୱାର୍ଡର କଲୋନୀ ବାସୀଙ୍କୁ ମହିଳା ମୋର୍ଚ୍ଚା ସଭାପତି ନାରୀନେତ୍ରୀ ମିଥିଲା ଟୁଡୁଙ୍କ ନେତୃତ୍ୱରେ ଫଳ ଓ ବିସ୍କୁଟ ବଂଟନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ମିଡ଼ିଆ ପ୍ରଭାରୀ କିଶୋର ରଜକ ଯୋଗ ଦେଇଥିଲେ ସେମାନଙ୍କ ସହିତ ପ୍ରତିମା ନନ୍ଦ, ସାବିତ୍ରୀ ବାରିକ, ପେଲଙ୍ଗ ମାତାର, ଲଳିତା ବିନ୍ଧାଣି, ସୁଜାତା ମହା', କଳ୍ପନା ମହା', ରାଣୀ ମଣ୍ଡଳ, ଆଝମଣି ମାଝୀ ପ୍ରମୁଖ ସେବାକାର୍ଯ୍ୟରେ ସାମିଲ ହୋଇଥିଲେ ।

ତାଳଚେର - ବିମଳାଗଡ ପ୍ରସ୍ତାବିତ ରେଳପଥ : ୧୬ ବର୍ଷ ବିତିଗଲା, ଜମିଦେଇ ପାରିଲେନି ରାଜ୍ୟ ସରକାର

ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ରାଉରକେଲା,୧୮।୯ (ନି.ପ୍ର): ଏହାରି ଭିତରେ ୧୬ ବର୍ଷ ବିତିଗଲା କିନ୍ତୁ ରାଜ୍ୟ ସରକାର ବିମଳାଗଡ -ତାଳଚେର ରେଳ ପଥ ଲାଗି ଆବଶ୍ୟକ ଜମି ଅଧିଗ୍ରହଣ କରି ଦେଇପାରିଲେନି ,ସଂଗ୍ରାମ ସମିତି ସମସ୍ତ ରାସ୍ତା ଅନୁସରଣ କରି ବିଫଳ ହେବା ପରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଫଳରେ ସଂଗ୍ରାମ ସମିତି ପକ୍ଷରୁ ମାମଲା ନମ୍ବର ୨୩୭୭୧/୨୦୨୦ ରୁଜୁ କରାଯାଇ ସେଥିରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ସୁନ୍ଦରଗଡ, ଦେବଗଡ ଓ ଅନୁଗୁଳ ଜିଲ୍ଲାପାଳ, କେନ୍ଦ୍ର ରେଳ ମନ୍ତ୍ରଳାୟ ଓ ପୂର୍ବତଟ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ପକ୍ଷଭୁକ୍ତ କରାଯାଇଛି । ଏଥିରେ କୁହାଯାଇଛି ଯେ, ଓଡିଶା ସରକାର ୨୬୦ ଏକର ସରକାରୀ ଜମି ୦୬୯୩ ଏକର ଘରୋଇ ଜମି ଯୋଗାଇ ଦେଇ ପାରି ନାହାନ୍ତି, ଫଳରେ ଟେଣ୍ଡରଜନିତ ସମସ୍ୟା ହେବା ସହ କାମ ଯେଉଁ ଗତିରେ ଜିବା କଥା ଯାଇପାରୁନି । କେନ୍ଦ୍ର ଦେଉଥିବା ଅର୍ଥ ଖର୍ଚ୍ଚ ହୋଇ ନପାରି ଫେରିଯାଉଛି ଓ ପ୍ରକଳ୍ପ ଆଗେଇପାରୁନି । ବଲାଙ୍ଗିର-ଖୋର୍ଦ୍ଧା ରେଳପଥ ଲାଗି ନିଜେ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରି କେନ୍ଦ୍ରର ସହାୟତା ନନେଇ କାମ ଆଗେଇ ନେଉଥିବା ବେଳେ ଏହି ପ୍ରକଳ୍ପ ଲାଗି ଏତେ ଢିଲା କାହିଁକି ତାହା ବୁଝା ପଡୁନାହିଁ । ଏହାଦ୍ୱାରା ପ୍ରକଳ୍ପ ଖର୍ଚ୍ଚ ବଢିଚାଲିଛି ।ପ୍ରଥମେ ଏହି ପ୍ରକଳ୍ପର ମୂଲ୍ୟ ୮୧୦କୋଟି ୭୮ଲକ୍ଷ ଥିବା ବେଳେ ବର୍ତମାନ ଏହା ବିଳମ୍ବ ହୋଇ ପ୍ରାୟ ୩ ହଜାର କୋଟିରେ ପହଁଚିଲାଣି । ଅନୁଗୁଳ ଜିଲ୍ଲାର ୨୫୩ ଏକର ଜମି ମିଳିପାରୁନଥିବା ବେଳେ, ସୁନ୍ଦରଗଡ, ଦେବଗଡ ଜିଲ୍ଲାରେ ମଧ୍ୟ ସେହି ସ୍ଥିତି ରହିଛି । ଜମି ଅଧିଗ୍ରହଣ ମାମଲା ଗୁଡିକ ବାସ୍ତବରେ ଜିଲ୍ଲାପାଳ ମାନଙ୍କ ହାତରେ ରହିଥାଏ । ଏଥିଲାଗି ସଂଗ୍ରାମ ସମିତି ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହେବାପରେ ୨୦୧୩,୨୦୧୪ରେ ଦୁଇ ଦୁଇ ଥର ବିଧାନ ସଭାରେ ସରକାରୀ ଭାବେ ଜମି ଯୋଗାଇ ଦିଆଜିବ ବୋଲି କୁହାଜିବା ସହ ଖୋଦ ମୁଖ୍ୟମନ୍ତ୍ରୀ ଏନେଇ ଚିଠିଦେବା ପରେ ମଧ୍ୟ ଏହା ହୋଇପାରୁନଥିବା ଖବର ମିଳିଛି ।କେତେକ ନ୍ୟସ୍ତ ସ୍ୱାର୍ଥ ପଲିଟିକାଲ ଲୋକ,ଅନ୍ୟ ଦଳ ନେତା କାଳେ ଶ୍ରେୟ ନେଇଜିବେ ସେଥିଲାଗି ସେମାନେ ଅସହଯୋଗର ନେତୃତ୍ୱ ନେଉଥିବାରୁ ଏହା ଆଗେଇ ପାରୁନଥିବା କୁହାଯାଉଛି । ଏହି ୩ ଜିଲ୍ଲାପାଳ ମାନେ ୨୦୧୯ ଡିସେମ୍ବର ମାସ ସୁଦ୍ଧା ଜମି ଯୋଗାଇ ଦେବେ ବୋଲି ମଧ୍ୟ ସଂଗ୍ରାମସମିତିକୁ କଥା ଦେଇଥିଲେ, କିନ୍ତୁ ୨୦୨୦ ଡିସେମ୍ବର ହେବାକୁ ଯାଉଛି କିନ୍ତୁ କଥା ଆଗେଇପାରୁ ନାହିଁ । ଏହି ସବୁ ସମସ୍ୟା ଲାଗି ଜଣେ ଦକ୍ଷ ଅଧିକାରୀ ଅଶୋକ ସିଂ ଙ୍କୁ ଜମି ଅଧିଗ୍ରହଣ ଲାଗି ସୁନ୍ଦରଗଡ ଜିଲ୍ଲାର ବଣେଇରେ ନିଯୁକ୍ତି ଦିଆଗଲା,ସେ କାମ ଆରମ୍ଭ କରି ଆଗେଇବା କ୍ଷଣି ତାଙ୍କ ଠାରୁ ଆର୍ଥିକ କ୍ଷମତା ବାହାର କରି ନିଆଗଲା ଓ ଉପଜିଲ୍ଲାପାଳଙ୍କୁ ଦିଆଗଲା । ଯେଉଁମାନଙ୍କୁ ଏହି ପ୍ରକଳ୍ପ ଲାଗି ରଖାଯାଇଥିଲା ସେମାନେ ସଠିକ ସମୟରେ ଦରମା ପାଇଲେ ନାହିଁ,ତାପରେ ଅଶୋକ ସିଂ ଙ୍କୁ ସମୟ ପୂର୍ବରୁ ବାହାର କରିଦେଇ ନିଜେ ସବୁ କିଛି କରିବେ ବୋଲି ପ୍ରଶାସନ ନିଷ୍ପତି ହେଲେ । ସେତେବେଳେ ନିଷ୍ପତି ନିଆଇଥିଲା ୨୦୧୯ରେ ସବୁ ଜମି କାମ ସରିବ କିନ୍ତୁ ଏଯାଏ କାମ ସେମିତି ପଡିଥିବାର ଖବର ମିଳିଛି । ବଲାଙ୍ଗିର-ଖୋର୍ଦ୍ଧା ରେଳପଥରେ ରାଜ୍ୟ ସରକାର ଜମି ଅଧିଗ୍ରହଣ ଲାଗି ସମସ୍ତ ଖର୍ଚ୍ଚ ଦେଉଥିବା ବେଳେ ରେଳପଥ ଲାଗି ମଧ୍ୟ ସବୁ ଖର୍ଚ୍ଚ ଦେବେ ।ସେ କାମ ସୁନ୍ଦର ଗତିରେ ଚାଲିଛି ।କିନ୍ତୁ ଏହି ପ୍ରକଳ୍ପ ଲାଗି କେନ୍ଦ୍ର ଜମି ବାବଦ ଅର୍ଥ ୨୦ ବର୍ଷ ତଳୁ ଦେଇ ସାରିଥିଲେ ବି ଜମି ଯୋଗାଡ କରି ରାଜ୍ୟ ସରକାର ଦେବାରେ ବିଫଳ ହୋଇଛନ୍ତି । ଏହି ପ୍ରକଳ୍ପ ହେଲେ ଲକ୍ଷ ଲକ୍ଷ ଲୋକ ଯାତାୟତର ସୁବିଧା ପାଇବା ସହ ଅଂଚଳର ଉନ୍ନତି ହେବ । ଅନେକ ଲୋକ ବିଭିନ୍ନ ଉପାୟରେ ରୋଜଗାର ମଧ୍ୟ ପାଇବେ ।କିନ୍ତୁ ସରକାରୀ ଉଦାସିନତା ଓ କିଛି ରାଜ ନେତାଙ୍କ ଅସହଯୋଗ ଲାଗି ଏହା ଆଗେଇ ନପାରି ପଡିରହିଛି ।

ପଦ୍ମପୁର ପୁଲିସ୍‌ର ବଡ଼ ସଫଳତା : ୨୫ କୁଇଣ୍ଟାଲ ମହୁଲ ଓ ଗାଡ଼ି ଜବତ, ଦୁଇ ଜଣ ବ୍ୟକ୍ତି ଗିରଫ ଓ କୋର୍ଟ ଚଲାଣ

ଗୁଣୁପୁର,୧୮।୯ (ନି.ପ୍ର):ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପଦ୍ମପୁର ପୋଲିସ କେନ୍ଦୁଗୁଡା ଠାରେ ଏକ ମହୁଲ ବୋଝେଇ ଗାଡ଼ି ସହ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ସୂଚନା ମୁତାବକ ୨୫୦୦ କେଜି ମହୁଲ ବେନିୟମ ଭାବରେ ଏକ ୯୦୯ ଗାଡିରେ ଚଲାଣ ହେଉଥିବା ବେଳେ ପଦ୍ମପୁର ପୋଲିସ କେନ୍ଦୁଗୁଡା ନିକଟରେ ଧରିପାରିଛି । ଗାଡିରେ ଥିବା ଡ୍ରାଇଭର ଓ ଅନ୍ୟ ଏକ ବ୍ୟକ୍ତି ମଧ୍ୟ ଗିରଫ ହୋଇଛନ୍ତି । କୌଣସି ସୁତ୍ରରୁ ଖବର ପାଇ ପଦ୍ମପୁର ଥାନା ଫଅଧିକାରୀ ସୟକୁମାର ନାୟକ ଏବଂ ତାଙ୍କ ଟିମ ଚଡାଉ କରି ଗାଡି ସହ ୨୫ କୁଇଣ୍ଟାଲ ମହୁଲ ଜବତ କରିଥିଲେ । ମହୁଲ ଗାଡିଟି କେନ୍ଦୁଗୁଡା ଅଞ୍ଚଳରୁ ଗଜପତି ଅଡବା ପଟେ ଯାଉଥିଲା । ଗଲାସମୟରେ ଚଡାଉ କରାଯାଇଥିଲା । ପଦ୍ମପୁର ଥାନାରେ ଏକ ମାମଲା ରୁଜୁ କରି ଗତକାଲି ଦୁଇଜଣଙ୍କୁ କୋର୍ଟଚାଲଣ କରାଯାଇଥିବା ସୁଚନା ମିଳିଛି ।

କେନ୍ଦ୍ରୀୟ ପ୍ରତିନିଧିଙ୍କ ବନ୍ୟା ଅଂଚଳ ଗସ୍ତ

ପୁରୀ,୧୮।୯ (ନି.ପ୍ର): ସାଧାରଣ ଲୋକମାନେ ବିପର୍ଯ୍ୟସ୍ତ ସ୍ଥିତି କୁ ଚାଲିଯାଇଥିବା ବେଳେ ବନ୍ୟା ର କ୍ଷୟକ୍ଷତି ସଂପର୍କ ରେ ଆକଳନ କରିବା ପାଇଁ କେନ୍ଦ୍ରୀୟ ପ୍ରତିନିଧି ଦଳ ଆଜି ପୁରୀ ଜିଲା ଗସ୍ତ କରିଛନ୍ତି । ଗସ୍ତ ପୂର୍ବରୁ ଜିଲାର କେତେ ହେକ୍ଟର ଜମି କ୍ଷତି ହୋଇଛି । କେତେ ଘର ଭାଙ୍ଗି ପଡିଛି । କେତେ ଲୋକ ପ୍ରଭାଭିତ ହୋଇଛନ୍ତି ଏବଂ ଗାଈ, ଗୋରୁ , ଁଛେଳି, ମେଣ୍ଢା ଓ କୁକୁଡା ପ୍ରଭାଭିତ ହୋଇଛନ୍ତି । ବିଶେଷ କରି ରାସ୍ତାଘାଟ ଜଳସଂପଦ ବିଭାଗର କ୍ଷୟକ୍ଷତି ଆକଳନ ସଂପର୍କରେ ଆଲୋଚନା କରାଯାଇଥିଲା । ସେଥିରେ ଜିଲାପାଳ ବଳବନ୍ତ ସିଂ,କେନ୍ଦ୍ରୀୟ ଟିମ୍ ର ମୁଖ୍ୟ ପ୍ରବୀନ ବଶିଷ୍ଠ ପ୍ରମୁଖ ରହିଥିଲେ ।ତା ପରେ ପୁରା ଟିମ୍ ଡେଲାଙ୍ଗ, କଣାସ, ଅଂଚଳ କୁ ଗସ୍ତ କରିଥିଲେ । କଣାସ ବ୍ଲକ ପାଣ୍ଡିଆ କେରା ପଂଚାୟତ ର ମାଟିଆ ପଡା ଗ୍ରାମକୁ ଯାଇ ବନ୍ୟା ରେ ହୋଇଥିବା କ୍ଷୟକ୍ଷତି ଆକଳନ କରିବା ସହିତ ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କ ଘର କୁ ଯାଇ ସେମାନଙ୍କ ଭଲ ମନ୍ଦ ସହ ବନ୍ୟା ସମୟରେ କିଭଳି ଚଳୁଥିଲେ ଏବଂ ଏବେ କେମିତି ଚାଲିଛି ଜୀବନ ସେ ସଂପର୍କରେ ବୁଝିଥିଲେ । ଏହି ଗସ୍ତ ରେ ଦୁଇ ଜଣ କେନ୍ଦ୍ରୀୟ ଟିମ ର ସଦସ୍ୟ ପୁରୀନ ଜିଲାପାଳ , ଅତିରିକ୍ତ ଜିଲାପାଳ ଏବଂ ସ୍ଥାନୀୟ ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ରହିଥିଲେ ।

ଆଧ୍ୟାତ୍ମିକ ସହରକୁ ଅତ୍ୟାଧୁନିକ ସହର କରିବା ପାଇଁ ଭିତିରି ଯୋଜନା

ପୁରୀ,୧୮।୯ (ନି.ପ୍ର): ଶ୍ରୀକ୍ଷେତ୍ର ହେଉଛି ବିଶ୍ୱ ଆଧ୍ୟାତ୍ମିକ ସହର । ସାରା ବିଶ୍ୱର ହିନ୍ଦୁ ଧର୍ମାବଲମ୍ବୀ ଭକ୍ତ ମାନେ ଶ୍ରୀକ୍ଷେତ୍ରକୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ସମାଗମ ହୋଇଥାଏ । ମୁକ୍ତି ପାଇଁ ମହୋଦଧି ସ୍ନାନ ଓ ସ୍ୱର୍ଗଦ୍ୱାରା ଏଠାରେ ରହିଛି । ପଟ୍ଟତୀର୍ଥ ମଧ୍ୟ ଏଠାରେ ରହିଥିବାରୁ ଭକ୍ତମାନେ ବର୍ଷତମାମ ଆଧ୍ୟାତ୍ମିକ ସହର ପୁରୀକୁ ଆସିଥାନ୍ତି । ଏହାସହ ପର୍ଯ୍ୟଟନ ଭିତିଭୂମି ରହିଥିବାରୁ ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି । ଏବେ କିଛି ଦିନ ହେଲାଣି ଶ୍ରୀକ୍ଷେତ୍ରର ବିଶ୍ୱସ୍ତରୀୟ ସୁନାମକୁ ଦେଖି ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ ବହୁ ଯୋଜନା ପ୍ରସ୍ତୁତ ହୋଇଛି । ଆଧ୍ୟାତ୍ମିକ ସହର ଅତ୍ୟାଧୁନିକ ସହର କରିବା ପାଇଁ ଯୋଜନା ରହିଛି । ନବକଳେବରଠାରୁ ଏହି ଯୋଜନା ସବୁ ଆରମ୍ଭ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଅଧିକାଂଶ କାମ ଅଧାରେ ରହିଛି । ଶ୍ରୀମନ୍ଦିର ଚାରିପଟେ ଥିବା ମଠ, ଧର୍ମଶାଳା, ଲଙ୍ଗି ଓ ଘରୋଇ ବାସଗୃହ ଭଙ୍ଗାଯାଇ ଶ୍ରୀମନ୍ଦିର ସୁରକ୍ଷା କରିଡର କରାଯିବା ପାଇଁ କାମ ଚାଲୁରହିଛି । ଯେଉଁଠାରେ ଆଧ୍ୟାତ୍ମିକ ପରିବେଶ ପାଇଁ ଦିନରାତି ମଠରେ ହରିନାମ କୀର୍ତନ ହେଉଥିଲା ସେଠାରେ ଶୌଚାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏମାର ମଠ, ଲଙ୍ଗୁଳି ମଠ, ପଞ୍ଜାବୀ ମଠ, ସାନଛତା ମଠ, ଉତରପାର୍ଶ୍ୱ ମଠ, ମଙ୍ଗୁମଠ ଆଦି ଭଙ୍ଗାଯାଇ ଡିଜାଇନ ଇଟା ପଡିଛି । ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ କୌଣସି ଉତ୍ସ ନଥିବା ବେଳେ କେବଳ ପାର୍କଭଳି କିଛି ଅଫଳନ୍ତି ଓ ଫୁଲ ଫୁଟୁନଥିବା ଗଛଗୁଡିଏ ଲାଗିଛି । ଶ୍ରୀମନ୍ଦିର କୋଣାର୍କ ଭଳି ପର୍ଯ୍ୟଟନ ସ୍ଥଳୀ ନୁହେଁ । ଏଠାରେ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବାକୁ ପ୍ରତିବର୍ଷ ନିଜେ ବଡଦାଣ୍ଡକୁ ଓହ୍ଲାଇ ଆସନ୍ତି । ହଜାର ହଜାର ଗୟାଯାତ୍ରୀ ମନ୍ଦିର ଚାରିପଟ ଘେରି ରହିଥାନ୍ତି । ଏବେ ସୁରକ୍ଷା ପ୍ରାଚୀର ହେଲେ ଆଉ ସେ ଭାବ, ଭକ୍ତି ଓ ଗହଳି ଦେଖିବାକୁ ମିଳିବ ନାହିଁ । କେବଳ ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ସହର, ଭାର୍ଟିକାନ ସିଟିପରି ଆଲୋକୀକରଣ ଓ ଅନେକ ରଙ୍ଗୀନ ଫଟୋଚିତ୍ର ଦେଖାଯାଉଥିଲେ ମଧ୍ୟ ଏବେ ସବୁକାମ ଅଧାହୋଇ ପଡିଛି । କେବେ ପୂର୍ଣ୍ଣାଙ୍ଗ ହେବ ତାହା କେବଳ ସମୟ କହିବ । ଆଧ୍ୟାତ୍ମିକ ଭାବ ସୃଷ୍ଟି ପାଇଁ କୌଣସି କାର୍ଯ୍ୟକ୍ରମ ନିଆନଯାଇ ଆଧୁନିକ ଓ ପାର୍କଭଳି ସଜାଇବା ପାଇଁ ଅନେକ ପ୍ରକଳ୍ପ ପୁରୀରେ କାମ କରୁଥିବାରୁ ବୁଦ୍ଧିଜୀବି ଓ ଭକ୍ତିଭାବପୂର୍ଣ୍ଣ ବ୍ୟକ୍ତିମାନେ ଏହାକୁ ନାପସନ୍ଦ କରିଛନ୍ତି ।

ବିଶ୍ୱକର୍ମା ପୂଜା ପାଳିତ

ଗୁଣପୁର,୧୮।୯ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦେଶ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ନିରାଡମ୍ବରରେ ପାଳିତ ହୋଇଯାଇଛି । କୋଭିଡ କଟକଣା ଦିଶା ଅନୁଯାୟୀ ସାମାଜିକ ଦୁରତା ରକ୍ଷା କରି, ମୁହଁରେ ମାସ୍କ ଲଗାଇ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଛି । ପୂରୋହିତ ଗଣେଷ ଷଡଙ୍ଗୀ ରୀତିନୀତି ଅନୁଯାୟୀ ବିଶ୍ୱକର୍ମାଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ଜନସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରତିବର୍ଷ ବିଶ୍ୱକର୍ମାଙ୍କ ପୂଜା ବିଭିନ୍ନ ସ୍ଥାନରେ ଆକଷର୍ଣୀୟ ମେଢ଼ ସହ ସୁସଜ୍ଜିତ ରଙ୍ଗାରଙ୍ଗ ଆଲୋକମାଳରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳୁଥିଲା କିନ୍ତୁଚଳିତବର୍ଷ କୋରନା ମହାମାରୀ ଲାଗି ଦେଖିବାକୁ ମିଳିନାହିଁ । ସେହିପରି ସ୍ଥାନୀୟ ଜିଆଇଟି କଲେଜ,ବିଟସ୍ କଲେଜ, ନୂତନ ବସଷ୍ଟାଣ୍ଡରେ ରାଜ ମେସ୍ତ୍ରୀ ସଂଘ, ବିଦ୍ୟୁତ ବିଭାଗ, ମୋଟର ସଂଘ, ବ୍ଲକ ନିକଟସ୍ଥ ବାଲାଜୀ ଓ୍ୱୋଲଡିଂ ଗ୍ୟାରେଜ୍, ସମେତ ବିଭିନ୍ନ ଓ୍ୱୋଲଡିଂ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ନିରାଡମ୍ବର ଭାବେ ପାଳନ କରାଯାଇଛି ।

ଜଳେଶ୍ୱର ଥାନାରେ ବାଲେଶ୍ୱର ଏସ୍.ପି : ଭୟ ଓ ଆଲୋଡନ

ଜଳେଶ୍ୱର,୧୮।୯ (ନି.ପ୍ର): ବୁଧବାର ସଂଧ୍ୟାରେ ବାଲେଶ୍ୱର ଏସ୍‌ପି ହଠାତ୍ ଜଳେଶ୍ୱର ଥାନରେ ପହଞ୍ଚି ଦୀର୍ଘ ସମୟ କାଗତପତ୍ର ସଂପର୍କରେ ପଚାରି ବୁଝିବା ସାଧାରଣରେ ଭୟ ଓ ଆଲୋଡନ ସୃଷ୍ଟି ହୋଇଛି । ବିଭିନ୍ନ ସମୟରେ ଥାନାରେ ହେଉଥିବା ମାମଲା ଗୁଡିକ ତଦନ୍ତକାରୀ ଅଫିସରଙ୍କଠାରେ କେତେଦିନ ରହିଛି ଓ କାହିଁକି ପଡି ରହିଛି ସେ ସଂପର୍କରେ ପଚାରି ବୁଝିଥିଲେ । ଏହା ବ୍ୟତିତ ଦୀର୍ଘ କିଛିଦିନ ଧରି ଥାନା ଇଲାକାରେ ଧଳ ଜହର କେତେ ଧରାଯାଇଛି ଓ ସେ ସବୁ ମାମଲାର ଅଗ୍

ଜଳେଶ୍ୱର ବ୍ଲକର ଆଉ ୫ ପଂଚାୟତରେ ପ୍ରିମିୟମ ସ୍ୱର୍ଣ୍ଣ ଚାଷ : ମୁଣ୍ଡରେ ହାତମାରି ବସିଛି ଚାଷୀ

ଜଳେଶ୍ୱର,୧୮।୯ (ନି.ପ୍ର): ଜଳେଶ୍ୱର ବ୍ଲକରେ ବିଭିନ୍ନ ପଂଚାୟତରେ କେତେକ ଠକ ବିହନ ବିକ୍ରେତା ଅନ୍ୟ ରାଜ୍ୟର ବିହନ ବହୁ ଅଧିକ ମୂଲ୍ୟରେ ଏ ଅଂଚଳରେ ବିକ୍ରୟ କରିଛନ୍ତି । ଅଧିକ ଲାଭ ପାଇବା ଆଶାରେ ଚାଷୀମାନେ ଏହି ପ୍ରିମିୟମ ସ୍ୱର୍ଣ୍ଣକୁ ଆଦରି ନେଇଥିବା ବେଳେ ଏବେ ଏହି ଚାଷ କରି ଚାଷୀମାନେ ମୁଣ୍ଡରେ ହାତମାରି ବହିଛନ୍ତି । ଏଥିରେ କୃଷି ବିଭାଗ ହସ୍ତକ୍ଷେପ କରିବାକୁ ଜଳେଶ୍ୱର ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜଳେଶ୍ୱର ବ୍ଲକର ସମ୍ପତ୍ତିଆ, ନରମ୍ପୋ, ଖାଲିନା, ସୁଗୋ, ନେତୁ ଆଫଂଚୟତର ବହୁ ଚାଷୀ କ୍ରିଷିଧାନ ସିଡ୍‌ସ୍ ପିଭିଟି ଏଲଟିଡି, ମହାରାଷ୍ଟ୍ର ରାଜ୍ୟର ପ୍ରିମିୟମ ସ୍ୱର୍ଣ୍ଣକୁ ଏଜେଣ୍ଟ ମାନଙ୍କ ଦ୍ୱାରା ଆଣି ଚାଷ କରିଥିଲେ । ୧୦ କି.ଗ୍ରା ବିହନର ମୂଲ୍ୟ ୭୫୦ଟଙ୍କା ରେ କିଣି ଜୁନ୍ ୨୫ରୁ୩୦ ମଧ୍ୟରେ ତଳି ପକାଇଥିଲେ । କମ୍ପାନୀର ନିୟମ ଅନୁଯାୟୀ ୧ ମାସ ମଧ୍ୟରେ ଏହି ଧାନ ରୋଇଥିବା ବେଳେ ରୋଇବାର ୩ ସପ୍ତାହ ମଧ୍ୟରେ ଧାନ ବାହାରିବା ଆରମ୍ଭ ହୋଇଛି । ଏହାର କେଣ୍ଡା ଏତେ ଛୋଟ ଯେ ଏହା ଏକରକୁ ୭/୮ କ୍ୟୁଣ୍ଟାଲ ଫଳିବା ମଧ୍ୟ ଅସମ୍ଭବ ହୋଇଛି । ଫଳରେ ଚାଷୀମାନଙ୍କ ଧିର୍ଯ୍ୟଚ୍ୟୁତି ଘଟିଛି । ଏହି ୫ଟି ପଂଚାୟତର ଜଳକାପଡିଆ, ଡେମୁରିଆ, ସରକାଡିଆ, ସମ୍ପତିଆ, ଖାଲିନା, ଆମ୍ବଡିହା, ଇକିଡା, ଅମ୍ବପୁଞ୍ଜା, ନାମ୍ପୋ, କପାସୁଦା, ଆଡିନଗା, ଶାହାପୁର, କମାରଶାଳିଆ, ବାଣିଦା, ସୁଗୋ, କାଶିଡିହା, ସିମୁଳିଆ, ନଛିମପୁର, ଆମ୍ବଳିଅଠା, ବେଲିଗୋପିମୋହନ ପୁର ଗାଁରେ ବହୁଳମାତ୍ରାରେ ଏହି ଚାଷ ହୋଇଥିବା ଆଜି ଚାଷୀମାନେ ପ୍ରକାଶ କରିଛନ୍ତି । ଚାଷୀମାନେ ବ୍ୟାଙ୍କ, ସମବାୟ ସମିତି ଏପରିକି ଗାଁ ଲୋକଙ୍କ ଠାରୁ ଟଙ୍କା ସୁଧ କରଜରେ ନେଇ ଚାଷ କରିଥିଲେ । ଏହି ଧାନ ଏ ଅଂଚଳର ସାଧାରଣ ଧାନ ଠାରୁ ସ୍ୱଳ୍ପ ଦିନ ଓ ସ୍ୱଳ୍ପ ଅଥର୍ଥ ବ୍ୟୟ କରି ୨ ଗୁଣା ଅମଳ ହୋଇଥାଏ । କମ୍ପାନୀର ଲୋକେ ଆସି ବିଭିନ୍ନ କଥା କହି ଚାଷୀ ମାନଙ୍କୁ ପ୍ରଲୋଭିତ କରି ଏଭଳି ଚାଷ କରିବାଲାଗି ଆଗ୍ରହ ସୃଷ୍ଟି କରିଥିଲେ । କିନ୍ତୁ ଏବେ ଚାଷୀମାନେ ବିପଦରେ ପଡିଥିବା ବେଳେ ଏଜେଣ୍ଟ ମାନଙ୍କ ଦେଖାନାହିଁ । ଆଜି ଏ ସମ୍ପର୍କରେ ଅଜୟ କୁମାର ମହାପାତ୍ର, ସପନ ପ୍ରମାଣିକ, ପୂର୍ଣ୍ଣଚନ୍ଦ୍ର ସାମଲ ରତନ ଦାସ, ସୁକୁମାର ହୁଇ, କାଳିଚରଣ ମୁର୍ମୁ, ରାଜେଶ ସେନ୍, ଅନିରୁଦ୍ଧ ପ୍ରମାଣିକ, ସଂଜିବ ପ୍ରଧାନ, ସୁଧାନିଧି ପାତ୍ର, ପ୍ରଦୀପ ସାମଲ, ସୁଧିର ପାତ୍ର, ବେଣୁଧର ଜେନା, ପୁର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବହୁ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ସ୍ମାରକପତ୍ର ତହସିଲଦାର, ବିଡିଓଙ୍କ ଜରିଆରେ ପ୍ରଦାନ କରିଥିବା ବେଳେ ବିଏଓଙ୍କ ଦ୍ୱାରା କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ପୂର୍ବରୁ ବ୍ଲକର ଅନ୍ୟ କେତେକ ପଂଚାୟତରେ ଏହି ଚାଷ ହୋଇଥିବାରୁ ସେମାନେ ମଧ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏ.ଏନ୍.ଏମ୍ ମାନଙ୍କୁ ଛଟେଇ ନକରି ବିକଳ୍ପ ନିଯୁକ୍ତି ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର ,୧୮।୯ (ନି.ପ୍ର): କରୋନା ସଂକ୍ରମଣକୁ ଆଖିଆଗରେ ରଖି ରାଜ୍ୟ ସରକାର ପ୍ରାୟ ୭ହଜାର ଗ୍ରାମପଂଚାୟତରେ ଟି.ଏମ୍.ସି. ଖୋଲି ସରପଂଚ, ପଂଚାୟତସମିତି ସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନଙ୍କୁ ନିୟୋଜିତ କରିଥିଲେ । ଏହା ବ୍ୟତୀତ ପ୍ରତି ଟି.ଏମ୍.ସି.ରେ ଜଣେ ଲେଖା ଗ୍ରାମ ସେବିକା (ଏ.ଏନ୍.ଏମ୍.)ଙ୍କୁ ନିଯୁକ୍ତି ଦେଇଥିଲେ । ୮୯ଦିନ ଚୁକ୍ତି ସରିବା ପରେ ରାଜ୍ୟ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ବନ୍ଦ କରିଦେବା ଫଳରେ ସେହି ସ୍ୱାସ୍ଥ୍ୟକର୍ମୀମାନେ ଆଜି ବେକାର ହୋଇଯାଇଛନ୍ତି । ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି ସମାଜବାଦୀ ପାର୍ଟି ।

ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ପାଇଁ ସରକାରୀ କର୍ମଚାରୀଙ୍କ ସହଯୋଗ ଆହ୍ୱାନ

ଭୁବନେଶ୍ୱର ,୧୮।୯ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମେଡିକାଲ୍, ଇଂଜିନିୟରିଂ ଓ ଅନ୍ୟାନ୍ୟ ବୃତିଗତ ଶିକ୍ଷା ନିମନ୍ତେ ଆବଶ୍ୟକୀୟ ପ୍ରଶିକ୍ଷଣ ଦେବା ପାଇଁ ଆଗ୍ରହୀ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କଠାରୁ ଆଦର୍ଶ ବିଦ୍ୟାଳୟ ସଂଗଠନ ଆବେଦନ ଆମନ୍ତ୍ରଣ କରିଛି । ଆଗ୍ରହୀ ପ୍ରଶିକ୍ଷକମାନେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଡେପୁଟେସନ୍/ ଅତିରିକ୍ତ ଦାୟିତ୍ୱରେ ଆସି ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ କୋଚିଂ ଦେଇପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଛନ୍ତି । ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଅଧୀନରେ ରାଜ୍ୟର ପ୍ରତି ବ୍ଲକ୍ ରେ ଆଦର୍ଶ ବିଦ୍ୟାଳୟମାନ ପରିଚାଳିତ ହେଉଛି । ଏଠାରେ ଛାତ୍ରଛାତ୍ରୀମାନେ ସିବିଏସ୍ ଇ ପାଠ୍ୟକ୍ରମ ଢାଂଚାରେ ଇଂରାଜୀ ମାଧ୍ୟମରେ ଶିକ୍ଷାଗ୍ରହଣ କରିଥାନ୍ତି । ଚଳିତ ବର୍ଷ ଓ ଗତବର୍ଷ ଆଦର୍ଶ ବିଦ୍ୟାଳୟର ପ୍ରାୟ ୩୫୦ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି ଏବଂ ଭବିଷ୍ୟତରେ ମେଡିକାଲ୍ ଇଂଜିନିୟରିଂ ଏବଂ ଅନ୍ୟାନ୍ୟ ବୃତିଗତ ଶିକ୍ଷା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଥି ନିମନ୍ତେ ସେମାନଙ୍କୁ ପ୍ରବେଶିକା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଥିବା ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ କୋଚିଂ ସୁବିଧାର ଆବଶ୍ୟକତା ରହିଛି । ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ କାର୍ଯ୍ୟରତ ଅନେକ ଅଧିକାରୀ ତଥା କର୍ମଚାରୀ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ଏବଂ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାର ଆଗ୍ରହ ରଖନ୍ତି । ଅନେକ ଏପରି କାର୍ଯ୍ୟକୁ ଏକ ପ୍ରତିବଦ୍ଧତା ଭାବେ ଗ୍ରହଣ କରିଥାନ୍ତି । ସେହିପରି ଆଗ୍ରହୀ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରଶିକ୍ଷଣ ନିମନ୍ତେ ଅବେଦନ କରିବା ସକାଶେ ସଂଗଠନ ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଗଣିତ, ଇଂରାଜୀ ଓ ସାମାଜିକ ବିଜ୍ଞାନରେ ଅନ୍‌ଲାଇନ୍ କିମ୍ବା ଅଫ୍ ଲାଇନ୍ ପ୍ରଶିକ୍ଷଣ ଦେବାକୁ ହେବ । ଆଗ୍ରହୀ ବ୍ୟକ୍ତିବୃନ୍ଦ ନିର୍ଦ୍ଧାରିତ ଫର୍ମରେ ସେମାନଙ୍କ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଜରିଆରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଆବେଦନ କରିପାରିବେ । ଏହାର ସବିଶେଷ ତଥ୍ୟ www.oav.edu.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି । ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସମୃଦ୍ଧ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ଏପରି ଏକ ଅଭିନବ ଯୋଜନାର ସଫଳ ରୂପାୟନ ନିମନ୍ତେ ଆଗ୍ରହୀ ସରକାରୀ ଅଧିକାରୀ/କର୍ମଚାରୀମାନଙ୍କ ସହଯୋଗ କାମନା କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

୨୦ରେ ଆଉ ଏକ...

ଏହାକୁ ଦୃଷ୍ଟିରେ ରଖି ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାଛଡ଼ା ଆଉ ୧୦ଟି ଜିଲ୍ଲା ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ବୌଦ୍ଧ, କନ୍ଧମାଳ ଓ ନୂଆପଡ଼ାରେ ପ୍ରବଳ ବର୍ଷା ହେବ । ଏସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ବ୍ୟତୀତ ୨୩ ତାରିଖ ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅଧିକ ବର୍ଷା ସମ୍ଭାବନା ଥିବା ଅଂଚଳ ଗୁଡିକର ତଳିଆ ଅଂଚଳରେ ପାଣି ପଶିଯିବା, କଚା ଘର ଓ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ପାହାଡିଆ ଅଂଚଳ ଗୁଡିକରେ ଭୂସ୍ଖଳନ ହେବାର ଆଶଙ୍କା ରହିଛି । ଏହା ବ୍ୟତୀତ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ୨୦ ତାରିଖ ପୂର୍ବରୁ ଫେରିଆସିବାକୁ କୁହାଯାଉଛି ।

ରାଜ୍ୟରେ ଆଉ ୧୩...

ସେ ମଧୁମେହରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ଜଣେ ୫୩ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୭୭ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ୭୮ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୩୯ବର୍ଷୀୟ ପୁରୁଷଙ୍କ ମଧ୍ୟ କରୋନାରେ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୯୦ ବର୍ଷୀୟା ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୯୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ମୟୁରଭଂଜ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । । ପୁରୀ ଜିଲ୍ଲାର ଜଣେ ୭୯ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

କରୋନା ପରିଚାଳନାରେ...

କଲେ ସେଭଳି କିଛି ସହାୟତା ମିଳୁନାହିଁ।ଯିଏ ଅନୁରୋଧ କରିବ କୋଭିଡ୍ ପାଇଁ ତାର ପରୀକ୍ଷା କରାଯାଉ ବୋଲି କେନ୍ଦ୍ର ସରକାର ପରାମର୍ଶ ଦେଇଥିଲା ବେଳେ ଲୋକେ ପରୀକ୍ଷା ପାଇଁ ହଇରାଣ-ହରକତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ଦିନକୁ ଲକ୍ଷେ ପରୀକ୍ଷା କଥା କହିଥିଲା ବେଳେ ଏବେ ପଚାଶ ହଜାର ପରୀକ୍ଷା ହେଉଛି, ତାହା ମଧ୍ୟ ଆଂଟିଜେନ ପରୀକ୍ଷା। ପରୀକ୍ଷା ହେଲେ ମଧ୍ୟ ଫଳାଫଳ ଜାଣିବାକୁ ଅନେକ ବିଳମ୍ବ ହେଉଛି। ଯେଉଁମାନଙ୍କୁ ଘରେ ରଖାଯାଉଛି ସେମାନଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ପଲସ୍ ଅକ୍ସିମିଟର ଯୋଗାଇ ଦିଆଯାଉ ନାହିଁ। ଘରେ ଥିଲାବେଳେ ରୋଗ ବଢିଲେ ଡାକ୍ତରଖାନାରେ ବେଡ୍ ପାଇବା ପାଇଁ ଦିନ ଦିନ ଲାଗୁଛି, ଯାହା ମଧ୍ୟରେ ରୋଗୀର ଅବସ୍ଥା ଖରାପ ହେଉଛି। ବର୍ତମାନ ଚାରିଆଡେ ଡାକ୍ତରଖାନା ବେଡ୍ ପାଇଁ ହାହାକାର। ଲୋକେ ଅସହ୍ୟ ହୋଇ ସମସ୍ତଙ୍କୁ ନେହୁରା ହେଉଛନ୍ତି। ବେଳ ଥାଉ ଥାଉ ଡାକ୍ତରଖାନା ବେଡ୍ ସଂଖ୍ୟା ଆବଶ୍ୟକତା ଅନୁସାରେ କରାଯାଇନାହିଁ। ଗୋଟିଏ ଆଇ.ସି.ୟୁ. ବେଡ୍ ଖାଲିହେଲେ ଭିତରକୁ ଯିବାକୁ ତିନିରୁ ପାଂଚଜଣ ଅପେକ୍ଷାରେ ରହୁଛନ୍ତି। ମୁଖ୍ୟମନ୍ତ୍ରୀ ଏସବୁର ସତ୍ୟାସତ୍ୟ ବୁଝି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି ।

ଗୋଟିଏ ଦିନରେ...

ଜିଲ୍ଲାରେ ୧୨୩, ଯାଜପୁର ଜିଲ୍ଲାରେ ୧୮୪ . ଝାରସୁଗୁଡା ଜିଲ୍ଲାରେ ୮୩, କଳାହାଣ୍ଡି ଜିଲ୍ଲାରେ ୬୭ . କନ୍ଧମାଳ ଜିଲ୍ଲାରେ ୭୭, କେନ୍ଦ୍ରାପଡା ଜିଲ୍ଲାରେ ୧୨୧ ,କେନ୍ଦୁଝର ଜିଲ୍ଲାରେ ୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୯ ଜଣ, ମାଲକାନଗିରି ଜିଲ୍ଲାରେ ୫୩ , ମୟୁରଭଂଜ ଜିଲ୍ଲାରେ ୧୬୩ ନବରଙ୍ଗପୁରରେ ୭୩, ନୟାଗଡ ଜିଲ୍ଲାରେ ୫୪, ନୂଆପଡା ଜିଲ୍ଲାରେ ୫୪, ପୁରୀ ଜିଲ୍ଲାରେ ୧୬୬, ରାୟଗଡା ଜିଲ୍ଲାରେ ୧୬୬, ସମ୍ବଲପୁର ଜିଲ୍ଲାରେ ୧୨୭ ,ସୋନପୁର ଜିଲ୍ଲାରେ ୬୨ ତଥା ସୁନ୍ଦରଗଡ ଜିଲ୍ଲାରେ ୧୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୩୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ହ୍ୱାଟସ୍‌ଆପ୍‌ରେ କରୋନା ସଂପର୍କିତ ପ୍ରଶ୍ନର ଉତ୍ତର ଦେବେ ବିଶେଷଜ୍ଞ ଡାକ୍ତର

- ହ୍ୱାଟସ୍‌ଆପ୍ ନମ୍ବର ୯୯୩୭୫୬୪୦୬୬ ଜାରି କଲେ ରାଜ୍ୟ ସରକାର
- ହୋମ୍ ଆଇସୋଲେସନ୍‌ରେ ଅଧିକ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି

ଭୁବନେଶ୍ୱର ,୧୮।୯ (ନି.ପ୍ର): ଏଣିକି ହ୍ୱାଟସ୍ ଆପ ଜରିଆରେ ଲୋକଙ୍କୁ କରୋନା ସଂପର୍କିତ ପ୍ରଶ୍ନର ଉତର ମିଳିବ । ରାଜ୍ୟ ସରକାର ଏ ନେଇ ହ୍ୱାଟସ୍‌ଆପ୍ ନମ୍ବର ୯୯୩୭୫୬୪୦୬୬ ଜାରି କରିଛନ୍ତି । ଲୋକେ ଦୈନିକ ଅପରାହ୍ନ ୩ଟାରୁ ସାଢ଼େ ୩ଟା ମଧ୍ୟରେ ପ୍ରଶ୍ନ କରିପାରିବେ ଏବଂ ବିଶେଷଜ୍ଞ ଡାକ୍ତର ଏହାର ଉତର ଦେବେ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ପ୍ରାୟ ୭୦ ପ୍ରତିଶତ କରୋନା ରୋଗୀ ହୋମ୍ ଆଇସୋଲେସନରେ ଅଛନ୍ତି । ହୋମ ଆଇସୋଲେସନରେ ରହି ଅଧିକ କରୋନା ଆକ୍ରାନ୍ତ ସୁସ୍ଥ ହେଉଛନ୍ତି । ମନ୍ତ୍ରୀ, ବିଧାୟକ, ଅଧିକାରୀମାନେ ମଧ୍ୟ ହୋମ ଆଇସୋଲେସନରେ ରହୁଛନ୍ତି। ଓଡ଼ିଶାରେ ମଧ୍ୟ କୋଭିଡ ମୃତ୍ୟୁ ହାର ଜାତୀୟ ହାର ତୁଳନାରେ କମ୍ । ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ, ୯ ମାସ ତଳେ ଚୀନର ଉହାନ ସହରରୁ କରୋନା ଭାଇରସ ବିଶ୍ୱର ଚାରିଆଡ଼କୁ ବ୍ୟାପିବା ଆରମ୍ଭ ହୋଇଥିଲା । ଓଡ଼ିଶାରେ ମାର୍ଚ୍ଚ ୧୫ରେ ପ୍ରଥମ ଥର ପାଇଁ କରୋନା ଭାଇରସ ସଂକ୍ରମଣରେ ଜଣେ ବ୍ୟକ୍ତି ଆକ୍ରାନ୍ତ ହୋଇଥିଲେ। କରୋନା ଭାଇରସ ମୁକାବିଲା ଲାଗି ସମଗ୍ର ବିଶ୍ୱ ଲଢ଼େଇ ଜାରି ରଖିଥିବା ବେଳେ ବିଶ୍ୱବ୍ୟାପୀ ଏହାରି ଉପରେ ଗବେଷଣା ଚାଲିଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଔଷଧ କିମ୍ବା ଟିକା ମିଳିପାରି ନାହିଁ । ସମସ୍ତ କୋଭିଡ ରୋଗୀଙ୍କୁ ହସ୍ପିଟାଲରେ ଭର୍ତି କରିବାର ଆବଶ୍ୟକତା ନାହିଁ । ତେଣୁ ଆମେ ରୋଗୀଙ୍କୁ ହୋମ୍ ଆଇସୋଲେସନରେ ରଖିବାକୁ କହୁଛୁ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ଅମରେନ୍ଦ୍ର ମହାନ୍ତି କହିଛନ୍ତି, ସବୁ କୋଭିଡ ରୋଗୀ ହସ୍ପିଟାଲରେ ଭର୍ତି ହେବାର ଆବଶ୍ୟକତା ନାହିଁ । ଲକ୍ଷଣ ନଥିବା ଏବଂ କମ ଲକ୍ଷଣ ଥିବା ରୋଗୀ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବେ । ହୋମ ଆଇସୋଲେସରେ ଥିବା ବେଳେ ଲକ୍ଷଣ ଦେଖିଲେ ପ୍ରଶାସନକୁ ଜଣାଇବେ । ହୋମ ଆଇସୋଲେସନରେ ଥିବା ରୋଗୀଙ୍କୁ ମାଗଣାରେ କିଟ ଦିଆଯାଉଛି । ଏଥିରେ ଔଷଧ, ସୂଚନା, ପୁସ୍ତିକା ଓ ଫୋନ ନମ୍ବର ଦିଆଯାଇଛି । ଘରେ ଏକ ସ୍ୱତନ୍ତ୍ର କୋଠରୀ, ଏକ ଶୌଚାଳୟ ଓ ସେବା କରିବା ପାଇଁ ଜଣେ ଲୋକ ଥିଲେ ହୋମ ଆଇସୋଲେନରେ ରହିହେବ। ଡିଏମଇଟି ନିର୍ଦ୍ଦେଶକ ସିବିକେ ମହାନ୍ତି କହିଛନ୍ତି ଯେ ବର୍ତମାନ ସୁଦ୍ଧା କୋଭିଡ ଚିକିତ୍ସାର ମୂଳ ଜିନିଷ ହେଲା ପ୍ରାଥମିକ ଅବସ୍ଥାରେ ଚିହ୍ନଟ ହେବା। ଲକ୍ଷଣ ଦେଖାଗଲେ କୋଭିଡ ଆକ୍ରାନ୍ତଙ୍କୁ ହସ୍ପିଟାଲ ନେଇଯିବା ଏବଂ ସାବଧାନ ହେଲେ ରୋଗରୁ ବର୍ତିପାରିବା। କାଶିବା, ଛିଙ୍କିବା, ପଜିଟିଭ ସଂସ୍ପର୍ଶରେ ଆସିଲେ କରୋନା ସଂକ୍ରମିତ ହେବାର ଆଶଙ୍କା ରହିଛି। ୮୦ ପ୍ରତିଶତ ରୋଗୀ ଲକ୍ଷଣହୀନ ବୋଲି କହିଛନ୍ତି। କୋଭିଡ ରୋଗୀଙ୍କୁ ହସ୍ପିଟାଲରେ ରହିବା ଦ୍ୱାରା ଅନ୍ୟମନସ୍କ ଅନୁଭବ ହେଉଛି, ମାନସିକ ଅସ୍ଥିରତା ଲାଗି ରହୁଛି। ତେଣୁ ଏହି ପରିପ୍ରେକ୍ଷୀରେ ହୋମ ଆଇସୋଲେସନରେ ରହିଲେ ରୋଗୀ ଆରାମ ଅନୁଭବ କରିବେ ଏବଂ ସେମାନଙ୍କର ମନୋବଳ ବଢ଼ିବ । ଏଥି ସହିତ ଆକ୍ରାନ୍ତଙ୍କୁ ପରିବାର ଲୋକଙ୍କ ଠାରୁ ଉପଯୁକ୍ତ ସେବା ମିଳିପାରିବ। ହୋମ ଆଇସୋଲେସନରେ ଥିବା ବେଳେ ଆକ୍ରାନ୍ତ ପ୍ରଚୁର ପାଣି ପିଅନ୍ତୁ। ଆମେ ସଚେତନ ହେଲେ କରୋନା ହାରିବ ବୋଲି ସେ କହିଛନ୍ତି ।

ଅଲ ଓଡିଶା ଅଂଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟର ବାଲେଶ୍ୱର ଶାଖା ବୈଠକ

ଜାତୀୟ ଶିକ୍ଷାନୀତିରେ ଅଂଗନୱାର୍ଡି କର୍ମୀଙ୍କୁ ମିଳିବ ଶିକ

ଶନିବାର,୧୯ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜଳ ନିଷ୍କାସନର ପଥ ଅବରୋଧ ନ ହଟିଲେ ଆଇନ୍‌କୁ ହାତକୁ ନେବାଲାଗି ନାମ୍ପୋବାସୀ ପ୍ରସ୍ତୁତ

ଜଳେଶ୍ୱର,୧୮।୯ (ନି.ପ୍ର): ୫୭ ତମ ରାଜ୍ୟ ରାଜପଥ ର ବିଭିନ୍ନ ସ୍ଥାନରେ ଜବର ଦଖଲ ହୋଇଥିବା ବେଳେ ପ୍ରଶାସନ ନିଦାବିଷ୍ଟ ସାଜିଛନ୍ତି । କିନ୍ତୁ ନାମ୍ପୋଠାରେ ଜଳ ନିଷ୍କାସନ ଖାଳ ଅବରୋଧ କରି ଜଳ ନିଷ୍କାସନପଥ ବନ୍ଦ କରିଥିବାରୁ ନାମ୍ପୋର ବହୁ ଗ୍ରାମବାସୀ ଦୀର୍ଘଦିନ ଧରି ବହୁ ଆଲୋଚନା, ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । କିନ୍ତୁ ସେପ୍ଟେମ୍ବରମାସ ଶେଷ ସୁଦ୍ଧା ଏହାର ସମାଧାନ ନ ହେଲେ ନାମ୍ପୋର କେତେକ ଗ୍ରାମବାସୀ ଆଇନ୍‌କୁ ହାତକୁ ନେବେ ବୋଲି ପ୍ରଶାସନକୁ ଜଣାଇଛନ୍ତି । ଜବର ଦଖଲ କବଳରେ ନାମ୍ପୋ ପୁଲିସ୍ ଫାଣ୍ଡିଠାରୁ ନାମ୍ପୋ ବଜାର ରହିଥିବାରୁ ଜଳନିଷ୍କାସନ ଠପ୍ ହୋଇ ଯାଇଛି । ଦୀର୍ଘ ୧ବର୍ଷ ଧରି ଗ୍ରାମର କେତେକ ବ୍ୟକ୍ତି ତହସିଲଦାର, ପୁର୍ତ୍ତ ବିଭାଗେ, ପୁଲିସ୍, ଆର୍‌ଆଇ ଏପରିକି ଜିଲାପାଳଙ୍କ ନିକଟକୁ ବାରମ୍ବାର ଯାଇ ଦାବି ଜଣାଇବା, ଆଲୋଚନା କରିବା, ଆନ୍ଦୋଳନ କରିଥିଲେ ମଧ୍ୟ ସ୍ଥାନୀୟ କୁମ୍ଭକର୍ଣ୍ଣ ନିଦ୍ରା ଭାଂଗୁ ନାହିଁ । ନାମ୍ପୋ ଫାଣ୍ଡିଠାରେ ଥିବା ବଡ ପୋଲରେ ଜଳେଶ୍ୱର ମ୍ୟୁନିସିପାଲଟି ଓ ସୁଗୋ ପଂଚାୟତର କେତେକ ବର୍ଷାପାଣି ତଳକୁ ଗଡି ଯାଇଥାଏ । କିନ୍ତୁ ଜବର ଦଖଲ ଓ ଗୃହ ନିର୍ମାଣ ଯୋଗୁଁ ସେଠାରେ ପ୍ରାୟ ୩ଶହ ଏକର ଜମିର ଚାଷ ପଚିଷଡି ନଷ୍ଟ ହୋଇଛି । ଏ ସଂପର୍କରେ ଗତ ୧୪ ତାରିଖରେ ଜଗଦୀଶ ପ୍ରଧାନ, ବ୍ରହ୍ମଜ୍ୟୋତି ଦେ, ସେକ୍ କମିରୁଦଦିନ, ସୁମତୀ ଦେଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ପୁର୍ତ୍ତବିଭାଗ, ସ୍ଥାନୀୟ ପ୍ରଶାସନ ଓ ଜିଲାପାଳ, ୫ଟି, ମୁଖ୍ୟଶାସନ ସଚିବ, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଶଡଙ୍ଗୀଙ୍କୁ ଅବଗତ କରାଯାଇଛି । ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ନ ହେଲେ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନସନ କରିବାକୁ ବାଧ୍ୟ ହେବେ ବୋଲି କହିବା ସହିତ ଆଇନ୍‌କୁ ହାତକୁ ନେବେବୋଲି ଦୃଢଭାବେ କହିଛନ୍ତି ।

ବୋଲେରୋରେ ଚାଲାଣ ବେଳେ ୯୩ କେଜି ଗଂଜେଇ ଜବତ, ୧ ଗିରଫ

ଭୁବନେଶ୍ୱର, ୧୮ ସେପ୍ଟେମ୍ବର - ଭୁବନେଶ୍ୱରର ଭରତପୁର ଅଂଚଳରୁ ବୋଲେରୋ ଯୋଗେ ଗଂଜେଇ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରା ଯାଇ ଗଂଜେଇ ଜବତ କରା ଯିବା ସହ ଏହି ମାମଲାରେ ଜଣଙ୍କୁ ଗିରଫ କରା ଯାଇଛି । ଏହି ବୋଲେରୋରୁ ୯୨ଟି ପ୍ୟାକେଟ୍ ରେ ୯୩ କିଲୋ ଗଂଜେଇ ଜବତ କରା ଯାଇଥିବା ଜଣା ପଡିଛି । ବୋଲେରୋଟି ଖୋର୍ଧା- କଟକ ବାଇପାସ ରାସ୍ତାରେ ଯାଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରା ଯାଇଥିଲା ।

ଦିନକରେ ଚିହ୍ନଟ ୧୩୩ ପଜିଟିଭ୍: ୫୮୮୪କୁ ବୃଦ୍ଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୮।୯ (ନି.ପ୍ର): ଓଡ଼ିଶାରେ ବଢୁଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସରେ ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବା ପରେ କ୍ରମହ୍ରାସମାନ ଅବସ୍ଥାରେ ଏହା କମିବ ବୋଲି ଜଣାପଡ଼ିଛି । ତେବେ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନତା ସୃଷ୍ଟି ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଉଥିଲେ ବି ସାଧାରଣ ଲୋକେ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛି । ଦୈନିକ ୪ ହଜାର ଉପରେ ସଂକ୍ରମିତ ଚିହ୍ନଟ ହୋଇ ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ଧିରେ ଧିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୪୧୮୦ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜ୍ୟର ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୭୧ହଜାର ୩୪୧ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୮୨ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୧୩୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୫୮୮୪ରେ ପହଞ୍ଚିଛି । ଆଜିସୁଦ୍ଧା ଜିଲ୍ଲାରେ ୪୫୫୬ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୦୭ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି କୌଣସି କରୋନା ରୋଗୀଙ୍କର ମତ୍ୟୁ ହୋଇନଥିବା ବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୬ରେ ସ୍ଥିର ରହିଛି । ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମିତଙ୍କ ସଂଖ୍ୟା ସମସ୍ତଙ୍କ ଚିନ୍ତା ବଢ଼ାଇଛି । ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି ।

ଜେଲ୍‌ରୁ ଫେରିବା ପରେ ର୍‌ୟାଲି କରି ରୋଶନ ଏନଏସରେ ଅଟକ

ଭୁବନେଶ୍ୱର ,୧୮।୯ (ନି.ପ୍ର): ୨୦୧୯ ଅମରେଶ ନାୟକ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ରୋଶନ ଜେନାକୁ ଜାତୀୟ ସୁରକ୍ଷା ଅଧିନିୟମ ବା ଏନଏସଏରେ ଅଟକ ରଖାଯାଇଛି । କମିଶନରେଟ୍ ପୋଲିସ୍ ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ରୋଶନ ଜେନା ହାଇକୋର୍ଟରୁ ବେଲ୍ ପାଇଁ ଜେଲ୍‌ରୁ ଫେରିବା ପରେ ର୍‌ୟାଲି କରିଥିଲା । ର୍‌ୟାଲି ବେଳେ ସେ ଏକ ଜିପ୍ ଉପରେ ବସିଥିବାର ଫଟୋ ଭାଇରାଲ୍ ହୋଇଥିଲା । ପୂର୍ବରୁ ରୋଶନ ନାଁରେ ୮ଟି ମାମଲା ରହିଥିବା ବେଳେ ସେ ଏୟାରଫିଲ୍ଡ ଅଂଚଳରେ ଆତଙ୍କ ଖେଳାଉଥିଲା । ସେହି ଏୟାରଫିଲ୍ଡ ଥାନା ଅଂଚଳରେ ହିଁ ଅମରେଶ ହତ୍ୟାକାଣ୍ଡ ହୋଇଥିଲା ।

ୱେବିନାରରେ ଆନ୍ତର୍ଜାତୀୟ ଯୋଗ ସମ୍ମିଳନୀ

ଭୁବନେଶ୍ୱର ,୧୮ ସେପ୍ଟେମ୍ବର - ସୁସ୍ଥତା ର ଆଧାର ହେଉଛି ଯୋଗ । ମନ, ଶରୀର ତଥା ମାନସିକ ଶାନ୍ତି ନିମନ୍ତେ ଯୋଗ ହିଁ ଏକମାତ୍ର ସାଧନ । ଯାହା ଏକ ସୁସ୍ଥ ସାମାଜିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ବୈଦିକ ଯୁଗରୁ ମୁନି, ଋଷିମାନେ ଯୋଗ, ପ୍ରାଣାୟମ କରି ଆସୁଛନ୍ତି । କେବଳ ଭାରତ ଭିତରେ ଆଉ ଯୋଗ ସୀମିତ ହୋଇ ରହିନାହିଁ । ଯାହା ସାରା ବିଶ୍ୱକୁ ବ୍ୟାପିଛି । ଯୋଗକୁ ନେଇ ଆଗ୍ରହ ବଢୁଛି । ଯୋଗର ମହାତ୍ମ୍ୟ ସମ୍ପର୍କରେ ଲୋକେ ବୁଝିଲେଣି । ବାସ୍ତବିକ ଜୀବନରେ ଏହା କେତେ ଜରୁରୀ ଓ ଉପାଦେୟ ଏହାକୁ ନେଇ ସବୁଠି ବେଶ୍ ଚର୍ଚ୍ଚା । ବର୍ତମାନ ମହାମାରୀ କରୋନା ଅର୍ଥାତ୍ ଏହି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଯୋଗ ହିଁ ଏକମାତ୍ର ଅସ୍ତ୍ର ବୋଲି ଭୁବନେଶ୍ୱରସ୍ଥିତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ଦ୍ୱାରା ୱେବିନାର ମାଧ୍ୟମ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ଯୋଗ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଓ ଯୋଗସାଧକ ମାନେ ମତପ୍ରକାଶ କରିଛନ୍ତି ।

କେନ୍ଦୁପତ୍ର ଭର୍ତ୍ତି ଟ୍ରକ୍ ଜବତ୍

ବାଲେଶ୍ୱର,୧୮।୯ (ନି.ପ୍ର): ବନ ବିଭାଗ ପକ୍ଷରୁ ଚାନ୍ଦିପୁର ରେଞ୍ଜ ଅଫିସର ସୁକୁମାର ଦାସଙ୍କ ନେତୃତ୍ୱରେ ଆଜି ଚଢ଼ଉ ହୋଇ କନ୍ଦୁପତ୍ର ଭର୍ତ୍ତି ଏକ ଟ୍ରକ୍ ଜବତ୍ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗର ଟିମ୍ ଏହି ଚଢ଼ଉ କରିଥିଲା । ୬୦ନଂ ଜାତୀୟ ରାଜପଥର ଫୁଲାଡ଼ିଛକଠାରେ ଗତ କାଲି ରାତି ପ୍ରାୟ ୧୨ଟା ୩୦ ବେଳେ ଓଆର୧୫ଏଲ/୬୬୫୫ନଂର ଟ୍ରକ୍‌କୁ ବନ ବିଭାଗ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ଏଥିରେ କେନ୍ଦୁପତ୍ର ଥିବା ଜଣାପଡ଼ିଥିଲା । ପ୍ରାୟ ୩୦ କ୍ୱିଣ୍ଟାଲ କେନ୍ଦୁପତ୍ର ଥିବା ଜଣାପଡ଼ିବା ପରେ ଏହି ଟ୍ରକକୁ ବନବିଭାଗ କାର୍ଯ୍ୟାଳୟକୁ ଆଣାଯାଇଥିଲା । ତେବେ ଗାଡ଼ି ଯାଞ୍ଚ ସମୟରେ ଡ୍ରାଇଭର ଓ ହେଲପର ଫୁଲାଡ଼ି ଛକରୁ କୁଆଡ଼େ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଏନେଇ ବନ ବିଭାଗ ପକ୍ଷରୁ ୨୬/୨୦୨୦-୨୧ ନଂର ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି । ଏହି ଚଢ଼ଉରେ ଫରେଷ୍ଟର ବିବେକାନନ୍ଦ ଜେନା, ଫରେଷ୍ଟ ଗାର୍ଡ଼ ଶଶାଙ୍କ ଜେନା, ଶଶିଧର ମହାନ୍ତି, ସତ୍ୟବ୍ରତ ମଣ୍ଡଳ, ଗୌତମ ଜେନା, ଅର୍ଜୁନ କୁମାର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।

ସରକାର ବାବାଙ୍କ ଫତେହ ଉତ୍ସବ ନିରାଡମ୍ବର ଓ କୋଭିଡ଼ କଟକଣାରେ ପାଳିତ ହେବ

ଭଦ୍ରକ,୧୮।୯ (ନି.ପ୍ର): ଭଦ୍ରକ ବାଇପାସ ସରକାରନଗର ସ୍ଥିତ ସରକାର ବାବାଙ୍କ ପୂଣ୍ୟ ଆସ୍ଥାନ ଠାରେ ଚଳିତ ମାସ ୨୩ ଓ ୨୪ ତାରିଖରେ ପାଳିତ ହେବାକୁ ଥିବା ଫତେହ ଉତ୍ସବ ସମ୍ପୂର୍ଣ୍ଣ ନିରାଡମ୍ବର ଓ କୋବିଡ଼ କଟକଣା ମଧ୍ୟରେ ପାଳନ କରାଯିବାକୁ ଆଜି ଅନୁଷ୍ଠିତ ସମନ୍ୱୟ କମିଟି ବୈଠକରେ ନିଷ୍ପତି ହୋଇଛି । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ହେଉଥିବା ଚଦର ଶୋଭାଯାତ୍ରା ଓ ଚାଦର ଚଢାକୁ ବାରଣ କରାଯାଇଛି । କେବଳ ବିଧି ମୁତାବକ ରୀତିନୀତି ଅନୁଯାୟୀ କୋବିଡ଼ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯିବାକୁ ନିଷ୍ପତି ହୋଇଛି । ଭକ୍ତମାନଙ୍କୁ ଆସ୍ଥାନ ତଥା ଏହି ଅଞ୍ଚଳକୁ ଯିବାକୁ ବାରଣ କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଶ୍ୟାମଭକ୍ତ ମିଶ୍ର, ଭାରପ୍ରାପ୍ତ ଉପଜିଲ୍ଲାପାଳ ମନୋରମା ଭୁୟାଁ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା, ଡିଆଇବି ଇନିସ୍ପେକ୍ଟର କମଳ ଲୋଚନ ଭୁୟାଁ, ପବନ ବାଗେଡିଆ, ଖାନ୍‌କା ସରିଫ୍ ସମ୍ପାଦକ ସେକ୍ ଅତା ମହିଉଦ୍ଦୀନ, ବିଦ୍ୟାଧର ସାହୁ, ଚଉଦ ମହଲା ମୁସ୍‌ଲିମ୍ ଜମାତ ସଭାପତି ମହମ୍ମଦ ଅବଦୁଲ ବାରୀ, ଅବଦୁଲ ମୁକିତ ଖାଁ, ଭଦ୍ରକ ଏସ୍‌ଡିପିଓ, ପୁରୁଣାବଜାର ଆଇଆଇସିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଶାନ୍ତି ସମନ୍ୱୟ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ମୃତ ଚାଷୀ ରମାକାନ୍ତଙ୍କ ପରିବାରବର୍ଗଙ୍କୁ ଭେଟିବ କଂଗ୍ରେସ ପ୍ରତିନିଧି ଦଳ

ଭୁବନେଶ୍ୱର,୧୮।୯ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଏକ ୫ ଜଣିଆ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଆସନ୍ତା ୨୦ ତାରିଖରେ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ବରପଦା ଗ୍ରାମପଂଚାୟତ ଅଧିନସ୍ଥ ୭ ନମ୍ବର ୱାର୍ଡର ମୃତ ଦଳିତ ଚାଷୀ ରମାକାନ୍ତ ମଲିକଙ୍କ ପରିବାରବର୍ଗଙ୍କୁ ଭେଟି ଆଲୋଚନା କରିବେ । ଉକ୍ତ କମିଟି ସଦ୍ୟତମ ଗସ୍ତ ବିବରଣୀ ପିସିସି ସଭାପତିଙ୍କୁ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ପ୍ରଦାନ କରିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ ।

ପାରାଦ୍ୱୀପ ବନ୍ଦରରେ ସ୍ୱଚ୍ଛତା ପଖୱାଡା ୨୦୨୦ ଉଦ୍‌ଘାଟିତ

ପାରାଦ୍ୱୀପ ,୧୮।୯ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ପାରାଦ୍ୱୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ପଖୱାଡା ୨୦୨୦ ଗୁରୁବାର ଦିନ ବନ୍ଦର ପ୍ରଶାସନ ଭବନ ପରିସର ଠାରେ ଶୁଭାରମ୍ଭ ହୋଇଯାଇଛି । ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱଚ୍ଛତା ର ଶପଥ ପାଠ କରାଯାଇଥିଲା । ଏଥିରେ ବନ୍ଦର ର ପଦସ୍ଥ ଅଧିକାରୀ ଓ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ । କୋଭିଡ ସଂକ୍ରମଣ ନିୟମାନୁସାରେ ବନ୍ଦର ର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମାଜିକ ଦୂରତ୍ୱ ରକ୍ଷ୍ୟା କରି ନିଜ ନିଜ କାର୍ଯ୍ୟାଳୟ ପରିସରରେ ଏହି ଶପଥ ପାଠ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ରଏ ମେକ ଇନ୍ ଇଣ୍ଡିଆ ଚିନ୍ତାକଳ୍ପ ରେ ଏକ ଯାନ୍ତ୍ରିକ ସଡକ ସଫେଇ ଯାନ କୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ମେସିନ ବନ୍ଦର ପୋତାଶ୍ରୟ ବାହାର ଅଞ୍ଚଳରେ ବ୍ୟବହାର ହେବ । ସ୍ୱଚ୍ଛତା ରକ୍ଷା ଓ କରୋନା ମୁଲୋତ୍ପାଟନ ଶୀର୍ଷକ ଚଳିତ ଅଭିଯାନରେ ବନ୍ଦର ର ଶ୍ରମିକ, କର୍ମଚାରୀ ଓ ସମସ୍ତ ବିଭାଗ କୁ ସାମିଲ କରି ବିଭିନ୍ନ ମୁଖ୍ୟ ସ୍ଥାନ ରେ ଡିଜିଟାଲ ସ୍କ୍ରିନ ମାଧ୍ୟମ ରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି । ତେବେ କରୋନା ବିପର୍ଯ୍ୟୟ ପାଇଁ ଜାରି ହୋଇଥିବା ନିୟମକୁ ଦୃଷ୍ଟିରେ ରଖି ଏସବୁ କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱ କୁ ଗୁରୁତ୍ୱ ଦିଆଯିବ ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶ ।

ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ଭଦ୍ରକ,୧୮।୯ (ନି.ପ୍ର): ଆଜି ଭଦ୍ରକର ରାଣୀତାଲ ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସରକାରଙ୍କ ପକ୍ଷରୁ 'ରାଷ୍ଟ୍ରୀୟ ପୋଷଣ ମାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥି ଉପଲକ୍ଷେ ଆୟୋଜିତ ସଭାରେ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଏହି ପୋଷଣ ମାସ ପାଳନର ଆଭିମୁଖ୍ୟକୁ ଦର୍ଶାଇବାକୁ ଯାଇ ବର୍ତ୍ତମାନ ଭାରତବର୍ଷର ଅନ୍ୟୁନ ୩୫ ପ୍ରତିଶତ ଶିଶୁ ଅପପୁଷ୍ଟି ମଧ୍ୟରେ ରହିଥିବାରୁ ଗର୍ଭବତୀ ମହିଳା ଓ ସ୍ତନ୍ୟଦାତ୍ରୀ ମା' ମାନଙ୍କର ଉଚିତ୍ ପୁଷ୍ଟି ସାଧନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏବଂ ଏଥିପାଇଁ ସଭାରେ ଉପସ୍ଥିତ ଥିବା ଭଦ୍ରକ ଜିଲାର ୪୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀମାନଙ୍କୁ ଏହି ମହିଳା ଓ ଶିଶୁମାନଙ୍କର ପୁଷ୍ଟି ସାଧନ ପାଇଁ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଗୋଟିଏ ଗୋଟିଏ ପୋଷଣ ବଗିଚା ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ । ଏବଂ ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଋତୁକାଳୀନ ପନିପରିବା ଓ ଶାଗମଂଜିର କିଟ୍‌କୁ ଅତିଥିମାନଙ୍କ ଦ୍ୱାରା ଉପସ୍ଥିତ କର୍ମୀମାନଙ୍କୁ ବଣ୍ଟନ କରିଥିଲେ । ଏହି ସଭାରେ ନିମନ୍ତ୍ରିତ ଅତିଥି ଭାବେ ଭଦ୍ରକ ଜିଲା ଇଫ୍‌କୋ କ୍ଷେତ୍ର ଅଧିକାରୀ ସୁଦର୍ଶନ ପଣ୍ଡା ଯୋଗଦେଇ ପନିପରିବା ଚାଷରେ ବ୍ୟବହୃତ ହେଉଥିବା ଜୈବିକ ଖତ, ଅଣୁସାର ତଥା ତରଳ ରାସାୟନିକ ସାର ଗୁଡିକ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ବଳ ଉପସ୍ଥିତ ରହି ଶିଶୁ ଓ ମହିଳାମାନଙ୍କର ସାମଗ୍ରୀକ ପୁଷ୍ଟିସାଧନ ପାଇଁ ଉପଯୁକ୍ତ ପୋଷଣର ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ । ଭଦ୍ରକ ବ୍ଲକ୍‌ର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଅର୍ଚ୍ଚପୂର୍ଣ୍ଣା ସିଙ୍କୁ ଯୋଗଦେଇ ସରକାରଙ୍କ ପୋଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇ ପୋଷଣ ଥାଳି, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା, ମମତା ଓ ଜନନୀ ଭଳି ବିଭିନ୍ନ ଯୋଜନା ଉପରେ ବିଶଦ ଅଲୋଚନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର କୃଷି ସଂପ୍ରସାରଣ ବିଭାଗର ବୈଜ୍ଞାନିକ ରୋଜାଲିନ୍ ମହାନ୍ତି ଯୋଗଦେଇ ଅଙ୍ଗନୱାଡି କର୍ମୀମାନଙ୍କୁ ପୌଷ୍ଟିକ ନିରାପତ୍ତା ପାଇଁ ପୋଷଣ ବଗିଚାର ଆବଶ୍ୟକତା ଉପରେ ତାଲିମ୍ ପ୍ରଦାନ କରିଥିଲେ । କେନ୍ଦ୍ରରେ ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ଜୈବ ପୋଷକତତ୍ତ୍ୱ ବୃଦ୍ଧିଯୁକ୍ତ ବିଭିନ୍ନ ପନିପରିବା କିସମ ଗୁଡିକ ଉପରେ ପ୍ରଶିକ୍ଷଣ ଦେଇଥିଲେ । ସବାଶେଷରେ କେନ୍ଦ୍ରର ବୈଜ୍ଞାନିକ ରୋଜାଲିନ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥି